ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK — ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25. No.295 Bhubaneswar Wednesday January 11, 2023 ୨୫ତମ ବର୍ଷ ସଂଖ୍ୟା-୨୯୫ ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୧,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ସୁନ୍ଦରଗଡର ଯୁବକମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭେଟୁଛନ୍ତି

## ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନଥିଲେ ୧୫ରୁ ଜୋରିମାନା

**ଭୁବନେଶ୍ୱର,(ପିଏନ)-** ଆସନ୍ତା ୧୫ ତାରିଖରୁ ଗାଡ଼ିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଂଚ କରାଯିବ। ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନଥିଲେ ଜାନୁଆରୀ ୧୫ ତାରିଖରୁ ୫ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ଚାଲାଣ କଟିବ। ଅତିରିକ୍ତ ପରିବହନ କମିଶନର (ଏନ୍‌ଫୋର୍ସମେଂଟ୍) ଲାଲ ମୋହନ ସେଠୀ ଏକ ପ୍ରେସ୍ ରିଲିଜ୍ ଜରିଆରେ ଏହି ସୂଚନା ଦେଇଛନ୍ତି।




୧.୪.୧୯ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଗାଡ଼ି ତଥା ଯେଉଁ ଗୁଡ଼ିକର ଶେଷ ନମ୍ବର ୧,୨,୩,୪,୫ ଓ ୬ରେ ଶେଷ ହୋଇଥିବ, ସେଗୁଡ଼ିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲାଗି ନଥିଲେ ଆସନ୍ତା ୧୫ ତାରିଖରୁ ଚାଲାଣ କଟାଯିବ। କାରଣ ଏହି ସବୁ ନମ୍ବର ପାଇଁ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବାର ଧାର୍ଯ୍ୟ ସମୟ ଶେଷ ହୋଇଯାଇଛି। ୨୦୨୨ ଡିସେମ୍ବର ୩୧ ସୁଦ୍ଧା ଏହି ସବୁ ନମ୍ବର ଥିବା ଗାଡ଼ିଗୁଡ଼ିକୁ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବାକୁ କୁହାଯାଇଥିଲା।ଓଡ଼ିଶା ରେଜିଷ୍ଟ୍ରେସନ୍ ମାର୍କ ଓ ରେଜିଷ୍ଟ୍ରେସନ୍ ନମ୍ବର ୭ ଏବଂ ୮ ସହିତ ଶେଷ ହେଉଥିବା ଗାଡ଼ି ଗୁଡ଼ିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବାର ଶେଷ ତାରିଖ ହେଉଛି ଜାନୁଆରୀ ୩୧। ସେହିପରି ୯ ଓ ୦ ସହିତ ଶେଷ ହେଉଥିବା ଗାଡ଼ି ଗୁଡ଼ିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବାର ଶେଷ ତାରିଖ ହେଉଛି ଫେବ୍ରୁଆରୀ ୨୮। ଏହି ଧାର୍ଯ୍ୟ ସମୟ ଶେଷ ହେଲେ ଏହି ସବୁ ଗାଡ଼ି ଗୁଡ଼ିକର ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଯାଂଚ କରାଯିବ।

ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର୍ (ଏନ୍‌ଫୋର୍ସମେଂଟ) ଲାଲ ମୋହନ ସେଠୀ କହିଛନ୍ତି, ୯.୧.୨୩ ସୁଦ୍ଧା ସମୁଦାୟ ୩୫,୫୬,୮୧୯ ଗାଡ଼ି ମାଲିକ ସ୍ଲଟ୍ ବୁକ୍ କରିଛନ୍ତି। ଏଥିରୁ ୨୭,୨୪,୯୯୪ଟି ଗାଡ଼ିରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଯାଇଛି।

## ହକି ବିଶ୍ୱକପ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶେଷ ବ୍ୟବସ୍ଥା : ସ୍ୱାସ୍ଥ୍ୟ ମନ୍ତ୍ରୀ

**ଭୁବନେଶ୍ୱର,(ପିଏନ)-** ଭୁବନେଶ୍ୱର ଓ ରାଉରକେଲାରେ ଖେଳା ଯିବାକୁ ଥିବା ହକି ବିଶ୍ୱକପ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ନେଇ ସୂଚନା ଦେଇଛନ୍ତି ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ।

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି ଯେ ହକି ବିଶ୍ୱକପକୁ ଆଖି ଆଗରେ ରଖି ରାଉରକେଲା ଓ ଭୁବନେଶ୍ୱରରେ ସ୍ୱତନ୍ତ୍ର ଟେଷ୍ଟିଂ ବ୍ୟବସ୍ଥା ହୋଇଛି। ସେହିପରି ମୋବାଇଲ ହେଲଥ ୟୁନିଟ, ଡାକ୍ତରୀ ଦଳ, ଆମ୍ବୁଲାନ୍ସ ଉପଲବ୍ଧ ଥିବା ସେ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟରେ ବହୁ ମାତ୍ରାରେ ଟେଷ୍ଟ ହେଉଛି। ହେଲେ ଅଳ୍ପ ଆକ୍ରାନ୍ତ ମିଳୁଛନ୍ତି। ସେ କହିଛନ୍ତି ଯେ ଗତ ୧୦ ଦିନରେ ଝାରସୁଗୁଡ଼ା, ରାଉରକେଲାରେ କେହି ଆକ୍ରାନ୍ତ ମିଳିନାହାନ୍ତି। ହକି ବିଶ୍ୱକପ ପାଇଁ ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ପ୍ରସ୍ତୁତ ଥିବା ସେ କହିଛନ୍ତି।

## ରାଉରକେଲା ଓ କଟକର ଶତାଧିକ ହକିପ୍ରେମୀ ନବୀନ ନିବାସରେ ଭେଟି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ଧନ୍ୟବାଦ

**ଭୁବନେଶ୍ୱର, (ପିଏନ)-** ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିଅମରେ ଚଳିତ ଥର ବିଶ୍ୱକପ୍ର ଆୟୋଜନ କରାଯାଇଥିବାରୁ ସାରା ସୁନ୍ଦରଗଡ ଉତ୍ସବ ମୁଖର ହୋଇଉଠିଛି। ସମସ୍ତେ ବିଶେଷ କରି ଯୁବସମାଜ ମଧ୍ୟରେ ଦେଖାଦେଇଛି ଅପୂର୍ବ ଉତ୍ସାହ। ବିଶ୍ୱକପ୍ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ପାଇଁ ଆଜି ଶହ ଶହ ଯୁବକ ଯୋଗେ ଭୁବନେଶ୍ୱର ଆସି ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କର ଏହି ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇବା ସହ ରାଉରକେଲାରେ ବିଶ୍ୱକପର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସେମାନଙ୍କ ସହିତ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ପ୍ରତାପ ଜେନା ଓ ରଘୁନାଥପଲ୍ଲୀ ବିଧାୟକ ଶ୍ରୀ ସୁବ୍ରତ ତରାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ସେହିପରି ଆସନ୍ତାକାଲି କଟକରେ ଆୟୋଜିତ ହେଉଛି ହକି ବିଶ୍ୱକପ୍ର ଉଦ୍‌ଘାଟନୀ ସମାରୋହ। ଐତିହ୍ୟ ସହର କଟକକୁ ବିଶ୍ୱକପ୍ ହକି ଆୟୋଜନରେ ସିଧାସଳଖ ଯୋଡ଼ି ଥିବାରୁ ପୂର୍ବତନ ବିଧାୟକ ତଥା କଟକ ନଗର ଶାନ୍ତି କମିଟିର ଅଧ୍ୟକ୍ଷ ଶ୍ରୀ ପ୍ରଭାତ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ।

ବିଶ୍ୱକପ୍ ହକି ଉଦ୍‌ଘାଟନୀ ସମାରୋହ ସଫଳ ଭାବେ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ କଟକ ସହରବାସୀଙ୍କ ସହଯୋଗ କାମନା କରିଥିଲେ।

### ୧୭ତମ 'ପ୍ରବାସୀ ଭାରତୀୟ ଦିବସ- ୨୦୨୩'ର ଉଦଯାପନ ସମାରୋହରେ କେନ୍ଦ୍ରମନ୍ତ୍ରୀ

## ସମସ୍ତେ ମିଳିତ ଭାବରେ ଭାରତକୁ ଏକ ଦାୟିତ୍ୱବାନ ଦେଶ କରିବା : ଧର୍ମେନ୍ଦ୍ର ପ୍ରଧାନ



**ଇନ୍ଦୋର, (ପିଏନ)-**ମଧ୍ୟପ୍ରଦେଶର ଇନ୍ଦୋରରେ ମଙ୍ଗଳବାର ଆୟୋଜିତ ୧୭ତମ 'ପ୍ରବାସୀ ଭାରତୀୟ ଦିବସ ୨୦୨୩' ସମ୍ମିଳନୀର ଉଦଯାପନ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରବାସୀ ଭାରତୀୟଙ୍କ ସହ ମିଳିତ ଭାବରେ ଭାରତକୁ ଏକ ଦାୟିତ୍ୱବାନ ଦେଶ ଭାବରେ ପରିଣତ କରିବା ପାଇଁ ଆହ୍ୱାନ କରିଛନ୍ତି ।ଦେଶର ମାନବ ସମ୍ବଳର ଦକ୍ଷତା ଏବଂ ଗତିଶୀଳତା ବୃଦ୍ଧି ତଥା ମାନବତାର ସେବା ପାଇଁ ଏକ ନୂତନ ଭାରତୀୟ ମଡେଲ ସୃଷ୍ଟି କରିବାରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ ଆମର ପ୍ରବାସୀ ଭାରତୀୟ, ଭାରତୀୟ ସଭ୍ୟତାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଦେଶର ବୃହତ ଯାତ୍ରାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଆମ ଦେଶରେ ଥିବା ମାନବ ସମ୍ବଳ ପରିଶ୍ରମୀ, ସଚ୍ଚୋଟ ଓ ଦାୟିତ୍ୱବାନ । କୁଶଳୀ ମାନବ ଶକ୍ତିର ବୈଶ୍ୱିକ ପେଣ୍ଠସ୍ଥଳୀ ଭାବରେ ଭାରତ ଉଭା ହୋଇପାରିବ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ ଦେବା ପାଇଁ ଜାତୀୟ ଶିକ୍ଷା ନୀତି -୨୦୨୦ ଏବଂ ନୂତନ ଦକ୍ଷତା ବିକାଶ ମାଧ୍ୟମରେ ଏକ ସରଳ ମଡେଲ ସହ ମଲଟିପଲ ଏଣ୍ଟ୍ରି- ମଲଟିପଲ ଏକ୍ସିଟ ଓ ସ୍କିଲିଂ ମାର୍ଗର ପରିକଳ୍ପନା କରାଯାଇଛି । ପ୍ରଥମ ଶ୍ରେଣୀରୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଦକ୍ଷତା କ୍ଷେତ୍ରରେ କ୍ରେଡିଟ୍ ଫ୍ରେମୱାର୍କରେ ଯୋଡାଯିବାର ବ୍ୟବସ୍ଥା ହୋଇଛି । ସାମ୍ପ୍ରତିକ ସମୟରେ ପ୍ରଯୁକ୍ତିବିଦ୍ୟା ନୂଆ ସୁଯୋଗ ତିଆରି କରୁଛି । ସ୍କିଲିଂ ହେଉଛି ଜୀବନବ୍ୟାପୀ ଶିକ୍ଷା ଆହରଣର ଏକ ପ୍ରକ୍ରିୟା । ଟେକ୍ନୋଲୋଜି ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହି ସମଗ୍ର ବିଶ୍ୱକୁ ଦେଖିବାର ସୁଯୋଗ ଦେଉଛି । ପ୍ରବାସୀ ଭାରତୀୟଙ୍କ ଉପରେ ପ୍ରଧାନମନ୍ତ୍ରୀ ଆସ୍ଥାପ୍ରକଟ କରିଛନ୍ତି । ଆମର ପ୍ରବାସୀ ଭାରତୀୟମାନେ କେବଳ ରୋଜଗାର କରିବା ଏବଂ ଆର୍ଥିକ ସୁଯୋଗ ମିଳିବାର ଲକ୍ଷ୍ୟରେ ନ ରହି ମାନବତାର ସେବା ପାଇଁ ଆଗେଇ ଆସିବା ଦରକାର । ଦେଶର ୩ କୋଟି ୨୦ ଲକ୍ଷ ଶକ୍ତିଶାଳୀ ପ୍ରବାସୀ ଭାରତୀୟ ଦେଶକୁ ବିଶ୍ୱ ପରିବାରର ସେବା କରିବା ପାଇଁ ନିଜର ଅଭିଜ୍ଞତାକୁ ବ୍ୟବହାର କରିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଉଲ୍ଲେଖନୀୟ ଯେ, ଏହି ସମ୍ମିଳନୀରେ କୁଏତ ଏବଂ ମୋରିସିୟସ ଏବଂ ବିଭିନ୍ନ ରାଷ୍ଟ୍ରରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହ ଶ୍ରୀ ପ୍ରଧାନ ବ୍ୟକ୍ତିଗତ ସାକ୍ଷାତ୍ ସହ ଆଲୋଚନା କରିଥିଲେ ।

## ଆଠଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ କଳିଙ୍ଗ ପ୍ରତିଭା ସମ୍ମାନ

**ଭୁବନେଶ୍ୱର,(ପିଏନ)-**ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ଶିକ୍ଷାବିତ୍ ହାଡ଼ିବନ୍ଧୁ ହାଲି ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏକ ମନୋଜ୍ଞ ଉତ୍ସବରେ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଆଠଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନଜନ 'କଳିଙ୍ଗ ପ୍ରତିଭା ସମ୍ମାନ-୨୦୨୩' ପ୍ରଦାନ କରାଯାଇଛି । ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ସମାଜରେ ଉପଯୁକ୍ତ ମର୍ଯ୍ୟାଦା ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରତିଭାର ମୂଲ୍ୟାୟନ କରାଯିବା ଉଚିତ୍ ବୋଲି ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।ବିଶିଷ୍ଟ ଶିକ୍ଷାବିତ୍ ତଥା ଆଇନ୍‌ଜୀବୀ ହାଡ଼ିବନ୍ଧୁ ହାଲିଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଆୟୋଜିତ ଏହି ଉତ୍ସବରେ କନ୍ଧମାଳ ସାଂସଦ ତଥା 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ଓ 'କାଦମ୍ବିନୀ'ର ସମ୍ପାଦିକା ଡଃ ଇତି ସାମନ୍ତ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତ ହାଲିଙ୍କ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ଫାଉଣ୍ଡେସନ୍‌ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦିକା ଡକ୍ଟର ମିନାକ୍ଷୀ ଦାସ ବିବରଣୀ ପ୍ରଦାନ କରିଥିଲେ। 'ସଂସ୍କୃତି ଓ ସଂସ୍କୃତି'ର ସମ୍ପାଦକ ତଥା ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ମଧ୍ୟ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଉଦୀୟମାନ୍ ଭାଓଲିନ୍ ବାଦକ ରାକେଶ ବିଶ୍ୱାଳଙ୍କ ଜନ୍ମଦିନ ଉତ୍ସବ ପାଳନ କରାଯାଇଥିଲା । ଲେଖିକା ଡକ୍ଟର ମିନାକ୍ଷୀ ଦାସଙ୍କ ଦ୍ୱାରା ରଚିତ ପୁସ୍ତକ 'ହେ ବିଶ୍ୱମାନବ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଚଳିତ ବର୍ଷର କଳିଙ୍ଗ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ହେଲେ – ବିଧାୟକ ସୁରେଶ କୁମାର ରାଉତରାୟ, ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ ଦାଶ, ସମାଜସେବୀ ଡ. ସୌରେନ୍ଦ୍ର କୁମାର ମହାପାତ୍ର, ପ୍ରଶାସକ ଓ ସାହିତ୍ୟିକ ରଞ୍ଜନ କୁମାର ଦାସ, ଚଳଚ୍ଚିତ୍ର ନିର୍ଦ୍ଦେଶକ ରମେଶ ମହାନ୍ତି, ସାମ୍ବାଦିକ କେଦାର ମିଶ୍ର, ଯୁବ ସଂଗଠନ ଡ. ତନ୍ମୟ କୁମାର ସ୍ୱାଇଁ ଓ କଣ୍ଠଶିଳ୍ପୀ ଲିଜା ପାତ୍ର ।ଏହି ଅବସରରେ ମନୋରମ ସଂଗୀତ ସନ୍ଧ୍ୟା 'ହୋପ-୨୦୨୩' ଆୟୋଜିତ ହୋଇଥିଲା । ଏଥିରେ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ସୌରବ ନାୟକ, ଇଂ. ବିଚିତ୍ରାନନ୍ଦ ଦେଓ, ଅର୍ଣ୍ଣବ ପଣ୍ଡା, ଲିଜା ପାତ୍ର ଓ ବର୍ଷା ପ୍ରମୁଖ ସୁଲଳିତ କଣ୍ଠରେ ସଂଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନର କର୍ମକର୍ତା ସର୍ବଶ୍ରୀ ଲୁଟୁ ମହାନ୍ତି, ରବୀନ୍ଦ୍ର ବିଶ୍ୱାଳ, ଶ୍ରୀଧର ମାଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ଆଜି

### ଆଜି ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି

**କଟକ,(ପିଏନ):** ବୁଧବାର କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ ହକି ବିଶ୍ୱକପ୍ର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୁରକ୍ଷାଠୁ ଆରମ୍ଭକରି ଟ୍ରାଫିକ ସବୁ ବ୍ୟବସ୍ଥାର ବାରମ୍ବାର ଯାଞ୍ଚ କରାଯାଉଛି। ଉଦ୍‌ଘାଟନୀ ଉତ୍ସବକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷାନୁଷ୍ଠାନକୁ ଛୁଟି କରାଯାଇଛି । ଆସନ୍ତାକାଲି ୨ଟା ପରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଫିସ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଆସନ୍ତା ୧୩ତାରିଖରୁ ଭୁବନେଶ୍ୱର



ଓ ରାଉରକେଲାରେ ଆରମ୍ଭ ହେବେ ପୁରୁଷ ହକି ବିଶ୍ୱକପ୍। ବୁଧବାର କଟକର ବାରବାଟି ଷ୍ଟାଡିୟମରେ ଉଦ୍‌ଘାଟନୀର ପର୍ବ ଆୟୋଜନ ହେବ । ଏଥିରେ ବଲିଉଡ୍‌ରେ ଅନେକ ନାମୀଦାମୀ କଳାକାର ଯୋଗଦେବେ । ଉଦ୍‌ଘାଟନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିବେ ବଲିଉଡ୍ ଷ୍ଟାର୍ ଆଇକନ୍ ଅଭିନେତା ରଣବୀର ସିଂ ଓ ଅଭିନେତ୍ରୀ ଦିଶା ପଟାନି । ତାଙ୍କ ସାଙ୍ଗକୁ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରୀତମ୍‌ଙ୍କ ମ୍ୟୁଜିକ୍‌ରେ ଝୁମିବେ ଦର୍ଶକ। ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ସହରର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଘୋଷଣା କରିଛନ୍ତି ଜିଲ୍ଲାପାଳ। ଅପରାହ୍ନ ୨ଟା ପରେ ସମସ୍ତ ଶିକ୍ଷାନୁଷ୍ଠାନବନ୍ଦ ରହିବାକୁ ନିର୍ଦ୍ଦେଶ ରହିଛି । ସେପଟେ କଟକ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ା କରାଯାଇଛି ।

## ପାକିସ୍ତାନ ସ୍ଥିତି ସାଂଘାତିକ: ପିଆଜ କେଜି ୨୨୦ଟଙ୍କା

**ଇସଲାମାବାଦ:** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ସ୍ଥିତି ସାଂଘାତିକ ହେବାରେ ଲାଗିଛି। ମହଙ୍ଗା ମାଡରେ ଲୋକମାନେ ଆଉଟ ପାଉଟ ହେଉଛନ୍ତି। ଦୈନନ୍ଦିନ ବ୍ୟବହାର ହେଉଥିବା ଜିନିଷର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି। ଦର ବୃଦ୍ଧି ଯୋଗୁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



୨୦୨୨ରେ ପାକିସ୍ତାନ ଭୟଙ୍କର ବନ୍ୟାର ସମ୍ମୁଖୀନ ହୋଇଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟରୁ ଦେଶ ମୁକୁଳିବାକୁ ଚେଷ୍ଟା କରୁଥିବା ବେଳେ ଏବେ ବର୍ଦ୍ଧିତ ମୁଦ୍ରାସ୍ଫୀତି ବୋଝ ଉପରେ ଲଳିତା ବିଡା ସଦୃଶ ହୋଇଛି।

ପାକିସ୍ତାନରେ ପିଆଜର କେଜି ପିଛା ଦାମ ୫୦୧% ବଢିଛି। ୨୦୨୨ ଜାନୁଆରୀ ୬ରେ ପିଆଜ ଦାମ ପାକିସ୍ତାନ ମୁଦ୍ରାରେ ୩୬.୭ ଟଙ୍କା ଥିଲା। ହେଲେ ୨୦୨୩ ଜାନୁଆରୀ ୬ ବେଳକୁ ଏହାର ଦାମ ୨୨୦.୪ ଟଙ୍କା ହୋଇଯାଇଛି। ଅର୍ଥାତ ବର୍ଷକ ମଧ୍ୟରେ ପିଆଜର ଦାମ ୫୦୧.୨% ମହଙ୍ଗା ହୋଇଛି।

ଡିଜେଲ ଦାମ ୬୧% ବଢିଥିବା ବେଳେ ପେଟ୍ରୋଲ ୪୮% ମହଙ୍ଗା ହୋଇଛି। ଚାଉଳ, ଡାଲି, ଅଟା ଓ ମଇଦାର କେଜି ପିଛା ଦାମ ମଧ୍ୟ ୫୦%ରୁ ଅଧିକ ବଢିଛି। ସ୍ଥିତି ଏପରି ହୋଇଛି ଯେ ପାକିସ୍ତାନବାସୀ ଚିକେନ ଦାମ ଶୁଣି ଏଥିରେ ହାତ ମାରିବାକୁ ଭୟ କରୁଛନ୍ତି। ଚିକେନ ଦାମ ପାକିସ୍ତାନ ମୁଦ୍ରାରେ କେଜି ପ୍ରତି ୨୦୧.୧ ଟଙ୍କା ଥିଲା। କିନ୍ତୁ ଏବେ ଏହା ୩୮୩.୫ ଟଙ୍କାରେ ପହଞ୍ଚିଛି ।ଚିକେନ ଦାମ ୫୧.୫% ବଢ଼ିଛି।

ଡାଲି କେଜି ପ୍ରତି ୧୫୦.୭ ଟଙ୍କା ଥିବା ବେଳେ ଏବେ ୨୨୮.୪ ଟଙ୍କା, ଲୁଣ ୩୨.୯ ଟଙ୍କାରୁ ବଢ଼ି ୪୯.୧ ଟଙ୍କା, ମୁଗ ଡାଲି ୧୭୧ ଟଙ୍କାରୁ ଯାଇ ୨୫୨ ଟଙ୍କା, ବାସୁମତି ଚାଉଳ ୧୦୦.୩ ଟଙ୍କା ବଦଳରେ ୧୪୬.୬ ଟଙ୍କା ଓ କଦଳୀ ୧୨ଟାକୁ ୮୨.୨ ଟଙ୍କା ଦେବାକୁ ପଡୁଥିବା ବେଳେ ଏବେ ଏହା ୧୧୯.୭ ଟଙ୍କାରେ ପହଞ୍ଚିଛନ୍ତି। ଏହାବାଦ ସୋରିଷ ତେଲର ଲିଟର ପିଛା ଦାମ ୩୭୪.୬ ଟଙ୍କା ବଦଳରେ ୫୩୨.୫ ଟଙ୍କା ହୋଇଛି। ଗୋଟିଏ ପ୍ୟାକେଟ ବ୍ରେଡର ଦାମ ୬୫ ଟଙ୍କାରୁ ଯାଇ ୮୯ ଟଙ୍କା ଓ କ୍ଷୀର ଲିଟର ପିଛା ୧୧୪. ୮ଟଙ୍କାରୁ ଯାଇ ୧୪୯.୭ ଟଙ୍କାରେ ବିକ୍ରି ହେଉଛି।

ମୋଟ ଉପରେ ପାକିସ୍ତାନର ମୁଦ୍ରାସ୍ଫୀତି ବର୍ଷକ ଭିତରେ ୨ ଗୁଣା ବଢିଛି। ୨୦୨୧ ଡିସେମ୍ବରରେ ଦେଶର ମୁଦ୍ରାସ୍ଫୀତି ୧୨.୩% ଥିବା ବେଳେ ୨୦୨୨ ଡିସେମ୍ବର ସୁଦ୍ଧା ଏହା ୨୪.୫%ରେ ପହଞ୍ଚିଥିବା ଷ୍ଟେଟ ବ୍ୟାଙ୍କ ଅଫ ପାକିସ୍ତାନ ସୂଚନା ଦେଇଛି। ଖାଦ୍ୟ ସାମଗ୍ରୀଗୁଡିକର ମୂଲ୍ୟ ବଢୁଥିବାରୁ ଏହାର ପ୍ରଭାବରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଖାଦ୍ୟ ମୁଦ୍ରାସ୍ଫୀତି ୨୦୨୧ ଡିସେମ୍ବରରେ ୧୧.୭% ଥିବା ବେଳେ ୨୦୨୨ ଡିସେମ୍ବର ବେଳକୁ ଏହା ୩ ଗୁଣା ବଢି ୩୨.୭% ଛୁଇଁଛି।

ପାକିସ୍ତାନ ସ୍ଥିତି ସୁଧାରିବାକୁ ଆମଦାନୀ ଉପରେ ଗୁରୁତ୍ୱ ଦେଉଛି। କିନ୍ତୁ ଦେଶର ବିଦେଶୀ ମୁଦ୍ରାପାଣ୍ଠି ମଧ୍ୟ ଶେଷ ହେବାକୁ ବସିଲାଣି। ୨୦୨୨ରେ ଶ୍ରୀଲଙ୍କାର ଯେଉଁଭଳି ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଥିଲା, ଏବେ ପାକିସ୍ତାନ ସେହି ଦିଗରେ ଯାଉଛି।

## ୪ ପ୍ରତିଶତ ସୁଧ ବ୍ୟତୀତ ମିଶନ ଶକ୍ତିର ସଂପୂର୍ଣ୍ଣ ଟଙ୍କା କେନ୍ଦ୍ର ସରକାରଙ୍କର: ମହିଳା ମୋର୍ଚ୍ଚା

**ଭୁବନେଶ୍ୱର, (ପିଏନ)-** ମୋଦୀ ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାକୁ ରାଜ୍ୟ ସରକାର ନିଜ ଯୋଜନା କହି ସଂଘୀୟ ବ୍ୟବସ୍ଥାକୁ ଅସମ୍ମାନ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ, ମାଗଣା ଚାଉଳ, ଉଡାନ୍ ଯୋଜନାରେ ବିମାନ ଚଳାଚଳ, ହର୍ ଘର୍ ନଲ୍ ପେ ଜଲ୍ ଯୋଜନାକୁ ନିଜ ନାମରେ ନାମିତ କରି ଓଡିଶାବାସୀଙ୍କୁ ଦିନରେ ଲଂଠନ ଦେଖାଉଛନ୍ତି ରାଜ୍ୟ ସରକାର । ସେହିପରି ମହିଳା ସଶକ୍ତିକରଣ ପାଇଁ ବଦ୍ଧପରିକର ମୋଦି ସରକାରଙ୍କ 'ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା – ରାଷ୍ଟ୍ରୀୟ ଗ୍ରାମୀଣ ଆଜିବୀକା ମିଶନ' ଅନ୍ତର୍ଗତ ଆସୁଥିବା ବ୍ୟାପକ ଟଙ୍କାକୁ ଚଂଚକତା କରି ନିଜ ନାମରେ ବ୍ରାଣ୍ଡିଂ କରିବାକୁ ମଧ୍ୟ ରାଜ୍ୟ ସରକାର ପଛାଉ ନାହାନ୍ତି ବୋଲି ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି।

ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ମିଶନ ଶକ୍ତି ଜରିଆରେ ଓଡିଶାରେ ୭ଲକ୍ଷ ସ୍ୱୟଂ ସହାୟକା ଗୋଷ୍ଠୀ ଗଠନ କରି ୭୦ଲକ୍ଷ ମହିଳାଙ୍କୁ ସଶକ୍ତ କରାଇଛନ୍ତି ବୋଲି ରାଜ୍ୟ ସରକାର କହୁଛନ୍ତି । ବାସ୍ତବରେ ୮୫ ହଜାର ସ୍ୱୟଂ ସହାୟକ ଗୋଷ୍ଠୀ କାମରେ ନିୟୋଜିତ ଥିବା ବେଳେ ମାତ୍ର ୫୯ହଜାର ୪୦୪ ଏସ୍‌ଏଚ୍‌ଜି ରୋଜଗାରକ୍ଷମ ହୋଇପାରିଛନ୍ତି। ଯାହା ଓଡିଶାରେ ପଞ୍ଜିକୃତ ହୋଇଥିବା ଏସଏଚଜିର ମାତ୍ର ୮ପ୍ରତିଶତ। ଋଣ ଛାଡରେ କେନ୍ଦ୍ର ଓ ରାଜ୍ୟ କେତେ ଦେଉଛନ୍ତି ଏହା ଜାଣିବା ସାଧାରଣ ଜନତାଙ୍କ ଅଧିକାର ଅଛି। କେନ୍ଦ୍ର ସରକାରଙ୍କର ଦୀନ ଦୟାଲ ଅନ୍ତୋଦୟ ଯୋଜନାରେ ଜାତୀୟ ଗ୍ରାମୀଣ ଆଜୀବିକା ମିଶନରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଋଣ ନାବାର୍ଡ ମାଧ୍ୟମରେ କେନ୍ଦ୍ର ଦେଉଛି ଋଣ। ବ୍ୟାଙ୍କର ସାଧାରଣ ସୁଧ ହାର ୧୧% ହୋଇଥିବା ବେଳେ କେନ୍ଦ୍ର ସରକାର ୪% ସୁଧ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ନିଜେ ସିଧାସଳଖ ବହନ କରନ୍ତି। ପରେ ଯେଉଁମାନେ ନିୟମିତ ଋଣ ସୁଝନ୍ତି ସେମାନଙ୍କ ପାଇଁ ଅତିରିକ୍ତ ୩% ସୁଧ ଛାଡର ବ୍ୟବସ୍ଥା କେନ୍ଦ୍ର ସରକାର କରିଥାନ୍ତି। ଏସମସ୍ତ ସୁଧ ରାଶି କେନ୍ଦ୍ର ସରକାର ବ୍ୟାଙ୍କୁ ସିଧା ପୈଠ କରନ୍ତି। ଅର୍ଥାତ ମୋଟ ସୁଧ ରାଶିର ୭% ହେଉଛି କେନ୍ଦ୍ର ସରକାରଙ୍କର, ୪% ହେଉଛି ରାଜ୍ୟ ସରକାରଙ୍କର। ଗତକାଲି ୧୨୫କୋଟି ଋଣ ବାଂଟି କହିଲେ ନବୀନ ବାବୁ ଦେଉଛନ୍ତି, ହେଲେ ୧୨୫ କୋଟିରୁ କେନ୍ଦ୍ର ୮୮କୋଟି ଛାଡ କରିଛି। ମାତ୍ର ୩୭ କୋଟି ଛାଡ କରି ବିଜେଡି କହୁଛି ମୁଁ କହିଛି।

ବାସ୍ତବରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସଶକ୍ତି କରଣ କରିବା ହେଉଛି କେନ୍ଦ୍ର ସରକାରଙ୍କର ଜାତୀୟ ଜୀବିକା ମିଶନର ଏକ ଜାତୀୟ କାର୍ଯ୍ୟକ୍ରମ। ଓଡିଶା ସମେତ ଦେଶର ୭୧୧ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲିଛି। ଓଡିଶାର ସମସ୍ତ ବ୍ଲକ ସମେତ ପୁରା ଦେଶର ୬୮୬୧ଟି ବ୍ଲକରେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଆର୍ଥିକ ଲାଭ ପାଉଛନ୍ତି। ଓଡିଶାର ସମସ୍ତ ଗୋଷ୍ଠୀ ସହିତ ସମଗ୍ର ଦେଶରେ ୩୩ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମୋଟ ୪ଲକ୍ଷ ୭୫ହଜାର ୨୧୫କୋଟିର ରିଭଲଭିଙ୍ଗ ଫଣ୍ଡ ଦିଆଯାଉଛି। ହେଲେ ଓଡିଶାରେ ବିଜୁ ଜନତା ଦଳର ସରକାର ଏହାକୁ ଆମେ ଦେଉଛୁ ବୋଲି କହି ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ।

ଏହି ଅବସରରେ ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଷ୍ଟ୍ରୀୟ ମହିଳାମୋର୍ଚ୍ଚା ସମ୍ପାଦିକା ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ଉପସଭାନେତ୍ରୀ ଅର୍ପିତା ଅପରାଜିତା ବଡଜେନା, ରାଷ୍ଟ୍ରୀୟ ମହିଳାମୋର୍ଚ୍ଚା ଗଣମାଧ୍ୟମ ସଂଯୋଜିକା ସୁଜାତା ପାଢୀ, ରାଜ୍ୟ ମହିଳାମୋର୍ଚ୍ଚା ଉପସଭାନେତ୍ରୀ କସ୍ତୁରୀ ମିଶ୍ର ଏବଂ ଗଣମାଧ୍ୟମ ମୁଖ୍ୟ ସୁଚରିତା ଜେନାମଣୀ ପ୍ରମୁଖ ଉପସ୍ଥିତ ଥିଲେ।

ପର୍ଯ୍ୟବେକ୍ଷକ PARYABEKHYAK











# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ି ଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଇଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ର ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ର କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ । ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ । ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ । ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ୱାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ୱା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ୱାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜାନୁଆରୀ ୧୧

# ଜୀବନ ଓ ଜଗତ



ସମୟର ତୀରେ ତୀରେ ମଣିଷର ଅସ୍ଥିର ଅଭିବ୍ୟକ୍ତି ସର୍ବଦା ବିଭିନ୍ନ ସ୍ତରରେ ରୂପଲାଭ କରିଥାଏ । ଅସୁମାରୀ ସ୍ୱପ୍ନକୁ ନେଇ ଅଥୟ ହୁଏ ମଣିଷ ଏବଂ ତା'ର ମନେହୁଏ ତା'ପରି ବିଶ୍ୱର ସବୁକିଛି ଅସ୍ଥିର ଓ ଚଞ୍ଚଳ । କିନ୍ତୁ ବାସ୍ତବିକ ନା' ସମୟ, ନା' ଆକାଶ, ନା' ମଧ୍ୟ ପୃଥିବୀ ବିଚଳିତ ହୁଏ । ସମୟକ୍ରମେ ସେ ଆପେ ଅନୁଭବ କରେ ଚନ୍ଦନର ବାସ୍ନା । ଉଲ୍ଲସିତ ହୁଏ ପ୍ରାଣପକ୍ଷୀ । ନଥାଏ ବାଟ ହୁଡ଼ିବାର ଭୟ । ସବୁ ସଂଗଠିତ ହୁଏ ଆକସ୍ମିକ ଭାବରେ । ଅନୁଭବ କରିହୁଏ ଚନ୍ଦ୍ରତାରାଙ୍କ ଉଦୟ ଅସ୍ତ ସହ କାଳ ବଦଳେ ନାହିଁ । ବୁଝିହୁଏ କାଳ ଆଗରେ ମନ୍ତ୍ର, ଯନ୍ତ୍ର, ତନ୍ତ୍ର ସବୁ ଅର୍ଥହୀନ । ଅଯଥାରେ ଆପଣାର ପୌରୁଷକୁ ନେଇ ଗର୍ବକରେ ମଣିଷ । ଭାବେ- ତା'ରି ପାରିବାରପଣିଆ ବଦଳେଇ ଦେଇଛି ଚାରିପାଖର ପୃଥିବୀକୁ । ତା'ରି ନିର୍ଦ୍ଦେଶରେ ଘଟିଯାଇଛି ସବୁ ଘଟଣା । ଏପରି ଭ୍ରମ ମଧ୍ୟରେ ହିଁ ମଣିଷ କାଳ କାଟେ ଏବଂ ସତ୍ୟ ପାଖରେ ପହଞ୍ଚିଲା ବେଳକୁ ସରିଯାଇଥାଏ ଜୀବନ ।

ବାସ୍ତବିକ ସତ୍ୟ/ମିଥ୍ୟାର ଏ ପ୍ରହେଳିକା ଭିତରେ ନିତ୍ୟ ସନ୍ତୁଳିତ ଏ ମଣିଷ ବୁଝିନାହିଁ ଯେ, ସେ ପରମାତ୍ମାର ଏକ ଅଂଶ । ଏ ଜୀବାତ୍ମା ସର୍ବଦା ପରମାତ୍ମା ସହ ମିଳିତ ହେବା ଲକ୍ଷ୍ୟ ରଖି କାଳ ଅତିବାହିତ କରିଥାଏ । କାଳହାତରେ ସେ ଏକ ଖେଳନା ମାତ୍ର । ତାହାରି ନିର୍ଦ୍ଦେଶରେ ହିଁ ଘଟିଥାଏ ସମକାଳ ତଥା କାଳକାଳର ଘଟଣା । କାରଣ ଏ ଧରାବକ୍ଷରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯାତ୍ରା- କେବଳ ଜୀବନ ନୁହେଁ । ତେଣୁ ତ କୁହାଯାଇଛି ମୃତ୍ୟୁ ହେଉଛି ନବଜନ୍ମର ପ୍ରବେଶ ଦ୍ୱାର । ବାରମ୍ବାର ଜନ୍ମ ଦେବା ଭିତରେ ଅସରନ୍ତି ମୋହ ଓ କୋହରେ ସନ୍ତୁଳିତ ଆତ୍ମା କିନ୍ତୁ ନିତ୍ୟ ଖୋଜେ ପରମାତ୍ମାର ପରଶ । ଏଠି ନିଖିଳର ବିଶ୍ୱାସରେ ଜୀବାତ୍ମା ଓ ପରମ୍ପରାର ଲୁଚକାଳି ଖେଳ ଜୀବନକୁ ଆଗେଇ ନେଇଥାଏ ।

ଏଠାରେ କହିରଖେ ଏ ଧରା ହେଉଛି ରୋଗ, ଶୋକ, ଜର୍ଜରିତ ଏକ ପରିବ୍ୟାପ୍ତ କ୍ଷେତ୍ର । କୁହାଯାଏ; ଦୁଃଖରହିତ ସ୍ୱର୍ଗ କେବଳ ଗୋଟିଏ ଦିଗରେ ହିଁ ଅନନ୍ୟ । ଏଠାରେ ରହିଥାନ୍ତି ଗୋଟିଏ ସଚୀ, ଗୋଟିଏ ଐରାବତ, ଗୋଟିଏ ନନ୍ଦନକାନନ ଓ ଗୋଟିଏ ତୃଷ୍ଣା ନିବାରଣର ମାଧ୍ୟମ ଅମୃତ । କିନ୍ତୁ ନିତ୍ୟ ଦୁଃଖ ସହ ଯୁଦ୍ଧ ଓ ପ୍ରେମ କରି ଅସଂଖ୍ୟ ଅନୁଭୂତିର ସମାହାରରେ ଯେଉଁ ମର୍ତ୍ତ୍ୟ ଗଠିତ; ସେଠାରେ ମଣିଷ ଲଭେ ଅନନ୍ୟ ଅନୁଭୂତି । ତେଣୁ ତ ମର୍ତ୍ତ୍ୟମଣ୍ଡଳରେ ପରଂବ୍ରହ୍ମଙ୍କ ଆବିର୍ଭାବ ମଧ୍ୟ ମାନବ ନିମନ୍ତେ ତିଆରି କରେ ଏକ ଉଦାହରଣ । ଆପଣାର ଯଦୁବଂଶକୁ ଧ୍ୱଂସ କରିବାର କୃତକର୍ମ ନିମନ୍ତେ ଆପଣା ପିଣ୍ଡର ଅପଖ୍ୟାତି ହୋଇ ଜାତି ନିମନ୍ତେ ବିଶ୍ୱନିୟନ୍ତା ବି ସୃଷ୍ଟି କରନ୍ତି ଏକ ଅନନ୍ୟ ଆଖ୍ୟାନ ।

କେବଳ ଏତିକି କହିବି ଜୀବନର ଏ ଅଭିସାରକୁ ନାନାରୂପରେ କଳନା କରିଛନ୍ତି ନାନା ମୁନି । କୁହାଯାଇଛି ଅବଚେତନ ଉପରେ ଚେତନର ବିଜୟ ହେଉଛି ଜୀବନର ମୂଳଲକ୍ଷ୍ୟ । ଏହି ଲକ୍ଷ୍ୟ ସାଧନପାଇଁ ଦୂରନ୍ତ ଅଭିଯାନ ପଥର ଯାତ୍ରୀ ହୋଇଛି ମଣିଷ । ପାପର ପରାକ୍ରମରେ ଦଶଶିରକୁ ବହନ କରିଥିବା ଦଶାନନକୁ ନିଶ୍ଚିହ୍ନ କରି ପୁରୁଷୋତ୍ତମ ରୂପରେ ସୁଶୋଭିତ ହୋଇଛି ସତ୍ୟ । ଅନ୍ୟ କେତେବେଳେ ପୁଣି କଂସର ଦୂରାଚାରରୁ ଧରାକୁ ରକ୍ଷା କରିବାକୁ ଯାଇ ଗୋପପୁରରେ ଆବିର୍ଭୂତ ହୋଇଛନ୍ତି ସ୍ୱୟଂ ପରମପୁରୁଷ । ଏ ଭିତରେ କିନ୍ତୁ ନା' ଧରାରୁ ଦୁଃଖ ସରେ ନା' ସରେ କାମନାର ବିସ୍ତୀର୍ଣ୍ଣ ପ୍ରକାଶ । ତେଣୁ ତ କାମନାର ବିନାଶରେ ଦୁଃଖର ବିନାଶର ବାଣୀ ନିନାଦିତ ହୋଇଆସିଛି ଯୁଗେଯୁଗେ ।

ଏ ବିଶାଳ ପୃଥିବୀରେ ମନୁଷ୍ୟ ମୁକ୍ତ ଭାବରେ ଜନ୍ମନିଏ । ଜନ୍ମ ପରବର୍ତ୍ତୀ ସମୟ ଠାରୁ ବିଭିନ୍ନ ଭାବରେ ତା'ର ପ୍ରସାରଣର ମାର୍ଗ ଅବରୁଦ୍ଧ ହୋଇଉଠେ । କୁହାଯାଏ ମନୁଷ୍ୟ ଯେଉଁ ବନ୍ଦୀଶାଳାରେ ଅବରୁଦ୍ଧ; ତା'ର ସମସ୍ତ ଦ୍ୱାର ଉନ୍ମୁକ୍ତ ରହିଥାଏ । କିନ୍ତୁ ଏଇ ଦ୍ୱାର ଦେଇ ଅନ୍ୟ ଗୋଟିଏ ପରିସରକୁ ଗଲାବେଳେ ତାହା ମନେହୁଏ; ଯେପରି ଅନ୍ୟ ଏକ ବନ୍ଦୀଶାଳାର ପ୍ରବେଶ ଦ୍ୱାର । ବିଭିନ୍ନ ସମୟରେ ବିଭିନ୍ନ ପରିପ୍ରେକ୍ଷୀରେ ବ୍ୟକ୍ତିର ସ୍ୱଚ୍ଛନ୍ଦ ପରିପ୍ରକାଶ ଅବରୁଦ୍ଧ ହୋଇଥିବା ଭଳି ମନେହୁଏ । କିନ୍ତୁ ଏସବୁ ସତ୍ତ୍ୱେ ବଞ୍ଚିବାର ମୋହ ମନୁଷ୍ୟକୁ ଜଡ଼େଇ ରଖେ । ସବୁ ପ୍ରତିକୂଳତା ଭିତରେ ଜିଇଁବାର ଦୁର୍ବାର ବାସନା ଅନାହତ ହୋଇ ରହିଥାଏ । ଯଥାର୍ଥରେ କହିବାକୁ ଗଲେ ମନୁଷ୍ୟ ହେଉଛି ନିଜେ ସବୁ ଦୁଃଖର କାରଣ । ମନୁଷ୍ୟ ସମାଜ ଗଢ଼େ; ନୀତି, ନିୟମ ଓ ଆଦର୍ଶର ଦ୍ୱାହି ଦେଇ ଆପଣା ନିମନ୍ତେ ଏକ ଆଦର୍ଶ ତିଆରି କରିଥାଏ । ଦୁର୍ବାର ମନର ଆହ୍ୱାନରେ ଏହାକୁ ଭାଙ୍ଗିବାକୁ ଚେଷ୍ଟା କରେ । ନିଜେ ହିଁ ପାପ ପୁଣ୍ୟର ମଧ୍ୟବିନ୍ଦୁରେ ପେଣ୍ଡୁଲମ୍ ଭଳି ଏପଟ ସେପଟ ହୁଏ । ନିଜର ବିଜ୍ଞତା / ଅଜ୍ଞତା ବିଶ୍ୱ ପ୍ରବାହରୁ କିଛି ବି ପରିବର୍ତ୍ତନ ଆଣିବାର ସମର୍ଥ ହୁଏନାହିଁ । କାରଣ କାଳ ଓ ସ୍ରୋତ କାହାକୁ ଅପେକ୍ଷା କରେନାହିଁ । ସମୟର ଧାରାରେ ଉତ୍‌ଥାନ ପତନ ଦେଇ ଗତି କରୁଥିବା ମନୁଷ୍ୟ ତା'ର ଚତୁର୍ଦ୍ଦିଗର ପରିବର୍ତ୍ତନକୁ ଅନୁଭବ କରେ । ଦର୍ଶନ ଓ ତତ୍ତ୍ୱର ନିବିଡ଼ ପରିସରରେ ତାକୁ ପରଖିବାକୁ ଚେଷ୍ଟା କରେ ।

ଏ ପରିପ୍ରେକ୍ଷୀରେ କହିରଖେ ଭାରତୀୟ ଦୃଷ୍ଟିକୋଣରେ ଜୀବନ ହେଉଛି ଏକ ରଙ୍ଗମଞ୍ଚ । ବିଶ୍ୱନିଅନ୍ତାଙ୍କ ନିର୍ଦ୍ଦେଶରେ ସମସ୍ତଙ୍କୁ ଏଠାରେ ଆପଣା ଆପଣାର ଅଭିନୟ ପ୍ରଦର୍ଶନ କରିବାକୁ ପଡ଼ିଥାଏ । ଏହି ରଙ୍ଗମଞ୍ଚରେ ବିଭିନ୍ନ ଭୂମିକାରେ ଅଭିନୟ କଲାବେଳେ ଅନେକ ସମୟରେ ନିଜର ସ୍ଥିତି ଭୁଲିଯାଏ ମନୁଷ୍ୟ । ଗଭୀର ତନ୍ମୟତାରେ ଆପେ ହିଁ ଘାରି ହୁଏ । ଏ ମୋହରୁ ମୁକ୍ତି ପାଇବା ହିଁ ହେଉଛି ଜୀବନର ଲକ୍ଷ୍ୟ । କିନ୍ତୁ ଏଠାରେ କହିରଖେ ସନାତନ ଆର୍ଯ୍ୟ ପରମ୍ପରାରେ ମନୁଷ୍ୟ ଜନ୍ମ ଓ ମୃତ୍ୟୁକୁ ଜୀବନର ଆରମ୍ଭ ଓ ଶେଷ ଭାବରେ ଗ୍ରହଣ କରିନାହିଁ । ପୁଣି ସେ ଜିଉଁଥିବା ଜୀବନ ତା'ର ସବୁକିଛି ନୁହେଁ । ସେ ସମକାଳରେ କେବଳ ବଞ୍ଚେ ନାହିଁ । ଅତୀତର କର୍ମଫଳ ଯେମିତି ଅନୁରଣିତ ହେଉଥାଏ ସମଗ୍ର ଜୀବନ । ପୁଣି ଆଗାମୀ ଜନ୍ମ ନିମନ୍ତେ କିଛି ସଞ୍ଚିତ କରି ରଖିବାର ବ୍ୟଗ୍ରତା ତାକୁ ଉଦ୍‌ଗ୍ରୀମ କରେ; ସତରେ କ'ଣ ପୁନର୍ଜନ୍ମ ସତ୍ୟ ? ପୁଣି ଅତୀତର କର୍ମଫଳ ନେଇ ବାକିଥିବା ଜୀବନ କାଟିବାକୁ ପଡ଼େ । ଏହିପରି ଏକ ଆବେଗର ସମାହାର ହେଉଛି ମନୁଷ୍ୟ ଜୀବନ । ତେଣୁ ତ କୁହାଯାଏ ଜୀବନର ଗତି ବଡ଼ ବୈଚିତ୍ରମୟ । ଏହି ସତ୍ୟକୁ ବୁଝିବା ପାଇଁ ଯୁଗେ ଯୁଗେ ମାନବ ଖୋଜିଛି ବିଭିନ୍ନ ପଥ । କିନ୍ତୁ ଜୀବନର ସୀମିତ ପରିଧି ଭିତରେ ହୁଏତ ସମ୍ଭବ ହୋଇପାରିନାହିଁ ଏହାର ସମାଧାନ ।

ପରିଶେଷରେ କେବଳ ଏତିକି କହିବି ମାନବ ଜୀବନ ହେଉଛି ଏକ ଅନ୍ୱେଷା । ଏ ଅନ୍ୱେଷାର ଧାରା ଗଢ଼ିଆସିଛି ଅବାରିତ ଭାବରେ କାଳ କାଳ ଧରି । ବିଶ୍ୱ ପ୍ରଦକ୍ଷିଣ ପରେ ଅନ୍ତରୀକ୍ଷ ଯାତ୍ରା ସାରି ସତେ ଯେମିତି ମନେ ହୋଇଛି ସବୁ ଅନ୍ୱେଷା ବୃଥା । ଏ ପିଣ୍ଡ ହିଁ ତ ବ୍ରହ୍ମାଣ୍ଡ । ଏଇଠି ନିତ୍ୟ ବୃନ୍ଦାବନ । ସୋଽହଂର ସ୍ୱର ନିନାଦିତ ହୁଏ ସଚରାଚର । ଜଗତ ରହେ ମନର ମୂଳରେ । ତେଣୁ ତ ଦୃଶ୍ୟମାନ ଜଗତ ହେଉଛି ମନର ଏକ ରୂପାନ୍ତରଣ । ଚିତ୍ତବୃତ୍ତିର ପ୍ରତିଫଳନ ନେଇ ଦିଗ୍‌ବିଦିଗ ଖେଳିଯାଏ ଭାବନାର ତରଙ୍ଗ । ସବୁ ସ୍ୱପ୍ନ, ସବୁ ବିଶ୍ୱାସ, ସବୁ ଆଶ୍ୱାସନା, ସବୁ ପ୍ରାପ୍ତି ଓ ଅପ୍ରାପ୍ତି ବେଦନା ତିଆରି ହୁଏ ଆପେ ଆପେ ଏବଂ ନିଶ୍ଚିହ୍ନ ମଧ୍ୟ ହୁଏ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଫେଁରୁଛି ଦାଉଦର ଦାଦାଗିରି (୨)


**ସୌମେନ୍ଦ୍ର ଜେନା**

ମୁମ୍ବାଇରେ ୧୨ ମାର୍ଚ୍ଚ ୧୯୯୩ରେ ହୋଟେଲ, ଅଫିସ, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ମାର୍କେଟ ଆଦି ଅଞ୍ଚଳରେ ଦିନ ସାଢେ ଗୋଟାଏରୁ ତିନିଟା ଚାଳିଶ ମଧ୍ୟରେ ସିରିଜ୍ ବିସ୍ଫୋରଣ ଘଟାଇ ଦାଉଦ ପାକିସ୍ଥାନକୁ ଚାଲିଯାଇଥିଲା । ସେହି ଘଟଣାରେ ୨୫୭ ଲୋକଙ୍କ ମୃତ୍ୟୁ ହୋଇଥିଲା, ୧୪୦୦ ବ୍ୟକ୍ତି ଆହତ ହୋଇଥିଲେ । ଏଥିରେ ୧୩ କାର୍ ବୋମା, ସ୍କୁଟର ବୋମା ଏବଂ ଗ୍ରେନେଡର ଉପଯୋଗ ହୋଇଥିଲା । ଛୋଟା ରାଜନ ବିଦେଶରୁ ପ୍ରତ୍ୟର୍ପିତ ହୋଇ ଭାରତର ଜେଲକୁ ଆସିବା ପରେ ୨୦୧୫ରେ ସେ ପୁନର୍ବାର ଭାରତରେ ସକ୍ରିୟ ହେଲା । ଦାଉଦର ସହଯୋଗୀ ଏବଂ ସଂପର୍କୀୟମାନେ ମୋରକୋ, ସ୍ପେନ, ୟୁଏଇ, ସିଙ୍ଗାପୁର, ଥାଇଲାଣ୍ଡ, ସାଇପ୍ରସ, ତୁର୍କୀ, ବ୍ରିଟେନ ଆଦି ଦେଶରେ ସଂପତ୍ତି ରଖିଥିବା ଇଡି ଜାଣିବାକୁ ପାଇଛି । ଦାଉଦ ଗୋଷ୍ଠୀ ଡାର୍କନେଟ ଏବଂ କ୍ରିପ୍ଟୋକରେନ୍ସୀ ମାଧ୍ୟମରେ ନିଜର ଦେଣନେଣ କରୁଛନ୍ତି । ଏଥିରେ ହାୱାଲା ଜରିଆରେ ୱାଲେଟକୁ ପ୍ରଥମେ ଟଙ୍କା ପଠାଯାଏ । ସେହି ୱାଲେଟକୁ ସଂପତ୍ତି କ୍ରୟ ପାଇଁ ଉପଯୋଗ କରାଯାଇଥାଏ । ୟୁଏଇ ଦାଉଦର ଚୋରା କାରବାର ପାଇଁ ବଡ କେନ୍ଦ୍ର ହୋଇଛି । ୟୁଏଇକୁ ଟଙ୍କା ପଠାଇବା ପାଇଁ ଦାଉଦର ବଡ ନେଟୱାର୍କ ରହିଛି । ଦାଉଦ ଏବଂ ଛୋଟା ସକିଲ ନିଜ ଗ୍ୟାଙ୍ଗର ଲୋକଙ୍କ ସହ କଥା ହେବାପାଇଁ ସ୍ୱତନ୍ତ୍ର ଆପ୍ ବ୍ୟବହାର କରୁଛନ୍ତି । ସେଥିରେ ନ୍ୟୁମେରୋ, ବୋଟିମ୍, ୱାଇବର, ଟାଙ୍ଗୋ ଆଦି ସାମିଲ ରହିଛି । ନ୍ୟୁମେରୋ ବ୍ୟବହାର କରିବାକୁ ହେଲେ ଇଣ୍ଟରନେସନାଲ ସିମ୍ କିଣିବାକୁ ହୋଇଥାଏ । ଦାଉଦ ଗୋଷ୍ଠୀ ଏହି ସିମ୍‌କାର୍ଡ କିଣିବା ପାଇଁ ୟୁନିଭର୍ସାଲ କ୍ରେଡିଟ୍ କାର୍ଡ ବ୍ୟବହାର କରିଥାନ୍ତି । କାର୍ଡଗୁଡିକ ଭିନ୍ନ ଭିନ୍ନ ଲୋକଙ୍କ ନାମରେ ନିଆଯାଇଥାଏ । ତେଣୁ ନମ୍ବର ଏବଂ ବ୍ୟକ୍ତିକୁ ଖୋଜିବା କଷ୍ଟକର ହୋଇଥାଏ ।

ଦାଉଦ ଇବ୍ରାହିମ ନିଜ ସାମ୍ରାଜ୍ୟ ବିସ୍ତାର ପାଇଁ ଏବେ ସନ୍ତ୍ରାସବାଦୀ ସଂଗଠନର ସାହାଯ୍ୟ ନେଉଛି । ମୁମ୍ବାଇ ସେଣ୍ଟ୍ରାଲର ମିର ଆପାର୍ଟମେଣ୍ଟରୁ ଗିରଫ ହୋଇଥିବା ସଲିମ ଫ୍ରୁଟ ଏହା ଯାଞ୍ଚବେଳେ କହିଥିଲା । ସଲିମର କହିବା ଅନୁସାରେ ବଡ ବଡ ବ୍ୟବସାୟୀ ଏବଂ ସଂପତ୍ତି କାରବାର କରୁଥିବା ଲୋକଙ୍କ ମଧ୍ୟରେ ଥିବା ଝଗଡାର ସମାଧାନ କରି ଯେଉଁ ଅର୍ଥ ଆସିଥାଏ ସେସବୁ ଲସକର, ଜୈଶ ଏବଂ ଅଲ-କାୟଦାକୁ ଦିଆଯାଇଥାଏ । ସୁନା ଓ ନିଶାଦ୍ରବ୍ୟରୁ ପ୍ରାପ୍ତ ଅର୍ଥକୁ ମଧ୍ୟ ସନ୍ତ୍ରାସବାଦୀ ସଂଗଠନକୁ ପଠାଯାଇଥାଏ । ଭାରତର ଛୋଟ ଛୋଟ ସହରରୁ ଯୁବକମାନଙ୍କୁ ଅର୍ଥର ଲୋଭ ଦେଖାଇ ପାକିସ୍ଥାନକୁ ଟ୍ରେନିଂ ପାଇଁ ପଠାଯାଇଥାଏ । ଦିଲ୍ଲୀ ପୁଲିସ ହାତରେ ଧରାପଡିଥିବା ୭ଜଣ ଆତଙ୍କବାଦୀଙ୍କ ମଧ୍ୟରୁ କେତେକ ପାକିସ୍ଥାନରେ ଟ୍ରେନିଂ ନେଇଥିବା ବିଷୟ ସ୍ୱୀକାର କରିଥିଲେ । ମୁମ୍ବାଇ ଆକ୍ରମଣରେ ଧରାପଡିଥିବା ସନ୍ତ୍ରାସବାଦୀ କସାବ ମଧ୍ୟ ସେଭଳି ଏକ ଟ୍ରେନିଂ ସେଣ୍ଟରରେ ପ୍ରଶିକ୍ଷଣ ପାଇଥିଲା । ଆଜିକାଲି ଭାରତରେ ହେଉଥିବା ସନ୍ତ୍ରାସବାଦୀ କାର୍ଯ୍ୟକଳାପ ପାଇଁ ପାକ୍‌ରେ ହେଉଥିବା ପ୍ରଶିକ୍ଷଣର ଦାୟିତ୍ୱରେ ଅନିସର ବଡ ଭୂମିକା ରହିଛି । ସେ ପାକ୍ ସେନା ଅଧିକାରୀମାନଙ୍କ ନିର୍ଦ୍ଦେଶ ମୁତାବକ ସନ୍ତ୍ରାସବାଦୀ ସଂଗ୍ରହ, ପ୍ରଶିକ୍ଷଣ ଏବଂ ସେମାନଙ୍କ ପାଇଁ ଅର୍ଥଯୋଗାଣ କାର୍ଯ୍ୟ କରୁଛି । ମୁମ୍ବାଇର ଧାରାବିଠାରୁ ଗିରଫ ହୋଇଥିବା ସମୀର କାଲିୟାର ବୟାନ ଅନୁସାରେ ସଂପ୍ରତି ମୁମ୍ବାଇ ସମେତ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ସ୍ଲିପରସେଲ ପ୍ରସ୍ତୁତ କରିବାରେ ଅନିସ ଲାଗିପଡିଛି । ଭାରତରେ ଏହି କାର୍ଯ୍ୟର ଯୋଜନା ପାଇଁ ସମୀରକୁ ଅନିସ ଦାୟିତ୍ୱ ଦେଇଥିଲା । ପାକ୍ ଆଇଏସ୍‌ଆଇର ଜଣେ ଅଧିକାରୀ କର୍ଣ୍ଣେଲ ଗାଜିଙ୍କ ନିର୍ଦ୍ଦେଶ ମୁତାବକ ଭାରତରେ ଏହି କାର୍ଯ୍ୟକୁ ଅନିସ ବିସ୍ତାର କରୁଛି ।

ଦାଉଦ ପାକିସ୍ଥାନର ରାଜନେତାମାନଙ୍କୁ ଆର୍ଥିକ ସହାୟତା ଦେଇଆସୁଛି । ପାକିସ୍ଥାନର ପିଟିଆଇ ଦଳର ନେତା (ତେହରିକ-ଏ-ଇନ୍‌ସାଫ) ଇମରାନ ଖାଁ ଦାଉଦଠାରୁ ଅର୍ଥ ନେଇଥିଲେ ବୋଲି ପାକିସ୍ଥାନର ନିର୍ବାଚନ କମିଶନର ପ୍ରକାଶ କରିଛନ୍ତି । ସେ ୩୪ ବିଦେଶୀ ନାଗରିକଙ୍କଠାରୁ ଚାନ୍ଦା ନେଇଥିଲେ । ବିଦେଶୀ ଦାତାଙ୍କ ମଧ୍ୟରେ ଦାଉଦର ନାମ ଆସିଛି । ନିଜର ବ୍ୟବସାୟ ଓ ସୁରକ୍ଷାକୁ କାଏମ୍ ରଖିବାକୁ ଦାଉଦ ଇମରାନଙ୍କ ଗୁଡବୁକ୍‌ରେ ରହିଆସିଥିଲା । ପାକିସ୍ଥାନର ଅନୁସନ୍ଧାନକାରୀ ସାମ୍ବାଦିକ ଅବସାର ଆଲମ ବିଗତ ଦିନରେ ଏକ ଉର୍ଦ୍ଦୁ ସମ୍ବାଦପତ୍ରରେ ଏକ ସ୍ୱତନ୍ତ୍ର ରିପୋର୍ଟରେ ଏକଥା ପ୍ରକାଶ କରିବା ପରେ ୨୦୨୧ରେ ତାଙ୍କ ଉପରକୁ ଗୁଳିକରି ହତ୍ୟା ପାଇଁ ପ୍ରୟାସ ହୋଇଥିଲା । ଇମରାନ ଖାଁ ପାକ୍‌ର ପ୍ରଧାନମନ୍ତ୍ରୀ ଥିଲାବେଳେ ପାକିସ୍ଥାନରେ ଦାଉଦ ଇବ୍ରାହିମ ରହିଥିବା ବିଷୟକୁ ଅସ୍ୱୀକାର କରିଥିଲେ । ଇମରାନଙ୍କ ବିରୋଧରେ ୧୪ ନଭେମ୍ବର ୨୦୧୦ରେ ମାମଲା ଦାଏର ହୋଇଥିଲା । ହେଲେ ୫୨ଥର ମାମଲାର ଶୁଣାଣିକୁ ବନ୍ଦ କରିଥିଲେ ଇମରାନ । ଶେଷରେ ଗତ ୪ବର୍ଷ ଧରି ମାମଲାର ୯୨ଥର ଶୁଣାଣି ହୋଇଥିଲା । ୮୮ ବିଦେଶୀଙ୍କ ସମେତ କିଛି ଭାରତୀୟଙ୍କଠାରୁ ସେ ଚାନ୍ଦା ଗ୍ରହଣ କରିଥିବା ଅଭିଯୋଗ ଉଠିଥିଲା । ପାକ୍‌ର ସମ୍ବାଦପତ୍ର ଦି ଡନ୍ ଅନୁଯାୟୀ ଆମେରିକାରେ ବସବାସ କରୁଥିବା ଭାରତୀୟ ମୂଳର ମହିଳା ବ୍ୟବସାୟୀ ରୋମିତା ସେଟ୍ଟୀଙ୍କଠାରୁ ୧୪ହଜାର ଡଲାର ଅର୍ଥ ଇମରାନ ଗ୍ରହଣ କରିଥିଲେ ।

୨୬ ଡିସେମ୍ବର ୧୯୫୫ରେ ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲା ଅନ୍ତର୍ଗତ ଖେଡଠାରେ ଇବ୍ରାହିମ କାସକର ଏବଂ ଅମିନା ବି କାସକରଙ୍କ ପୁତ୍ର ଭାବେ ଦାଉଦର ଜନ୍ମ । କିଶୋରାବସ୍ଥାରୁ ଠକେଇ, ଚୋରି ଏବଂ ଲୁଟ ଆଦି ମାମଲାରେ ସେ ସଂପୃକ୍ତ ହୋଇଥିଲା । ସ୍ଥାନୀୟ ଗୁଣ୍ଡା ବାସୁଦାଦାର ଗୋଷ୍ଠୀରେ ସେ ଯୋଗ ଦେଇ ପରେ ସେଥିରୁ ବାହାରିଯାଇ ନିଜ ଭାଇ ସବିର ଇବ୍ରାହିମ୍ କାସକର ସହ ମିଶି ନିଜର ଗୋଷ୍ଠୀ ଗଢିଲା । ବିରୋଧୀ ପଠାଣ ଗୋଷ୍ଠୀ ଆକ୍ରମଣରେ ସବିରର ମୃତ୍ୟୁ ହେବାପରେ ଦାଉଦ ନିଜ ଗୋଷ୍ଠୀର ନେତୃତ୍ୱ ନେଲା । ମୁମ୍ବାଇର ସମସାଦ ଖାଁ ହତ୍ୟା ମାମଲାରେ ପୁଲିସ ଯାଞ୍ଚ ବେଳେ ସେ ଦୁବାଇ ଚାଲିଯାଇଥିଲା । ଛୋଟା ରାଜନ ସହାୟତାରେ ଦାଉଦ ନିଜ ଗୋଷ୍ଠୀରେ ୫୦୦୦ରୁ ଅଧିକ ସଦସ୍ୟଙ୍କୁ ସାମିଲ କରି ୧୯୯୦ବେଳକୁ କୋଟି କୋଟି ଟଙ୍କା ବାର୍ଷିକ ଆଦାୟ କରୁଥିଲା । ୧୯୯୩ରେ ମୁମ୍ବାଇ ବୋମାକାଣ୍ଡ ପରେ ସେ ଦୁବାଇ ଚାଲିଯାଇ ସେଠାରୁ ପାକିସ୍ଥାନକୁ ଯାଇ ବସବାସ କଲା । ପାକିସ୍ଥାନରେ ରହିବା ପରେ ସେ ନିଶା ବ୍ୟବସାୟକୁ ବ୍ରିଟେନ ଏବଂ ପୂର୍ବ ୟୁରୋପକୁ ବିସ୍ତାର କରିଥିଲା । ଆଫଗାନିସ୍ଥାନରେ ତାଲିବାନ ସରକାର ଆସିବା ପରେ (୧୯୯୪-୨୦୦୧) ଦାଉଦ ତାଲିବାନର ସୁରକ୍ଷାରେ ଆଫଗାନିସ୍ଥାନ ଯାଇ ଅନେକ ସନ୍ତ୍ରାସବାଦୀ ନେତାଙ୍କ ସହ ସଂପର୍କ ରକ୍ଷାକରିବା ସହ ଆଫଗାନ ନିଶା ବେପାରକୁ ବିଶ୍ୱବ୍ୟାପୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା ।



ଗୁଜରାଟରେ ଲସ୍କର ଆକ୍ରମଣ ପଛରେ ଦାଉଦର ଆର୍ଥିକ ସହାୟତା ରହିଥିଲା । ଆଜି ଏସିଆ, ୟୁରୋପ, ଆଫ୍ରିକାରେ ଦାଉଦ ଗୋଷ୍ଠୀ କାର୍ଯ୍ୟ କରୁଥିଲା ବେଳେ ୪୦ ପ୍ରତିଶତ ରୋଜଗାର ସେ ଭାରତରୁ ହିଁ ଉଠାଇଥାଏ । ୨୦୧୦ରେ ସେ ବିଶ୍ୱର ଶୀର୍ଷ ୧୦ ଅପରାଧୀଙ୍କ ତାଲିକାରେ ରହିଥିଲା । ତାକୁ ଗ୍ଲୋବାଲ ଟେରରିଷ୍ଟ ବା ବିଶ୍ୱସନ୍ତ୍ରାସବାଦୀ ଭାବେ ଘୋଷଣା କରାଯାଇଥିଲା । ୧୯୯୩ ମୁମ୍ବାଇ ବିସ୍ଫୋରଣ ପରେ ଦାଉଦର ସହଯୋଗୀ ଛୋଟା ରାଜନ ଗୋଷ୍ଠୀ ଦାଉଦକୁ ଚାଲେଞ୍ଜ ଦେଇ ଏପ୍ରିଲ ୧୯୯୮ରେ ସଲିମ୍ କୁର୍ଲା, ଜୁନ୍ ୧୯୯୮ରେ ମହମ୍ମଦ ଜିବ୍ରାନ, ୧ ମାର୍ଚ୍ଚ ୧୯୯୯ରେ ମଜିଦ ଖାଁକୁ ହତ୍ୟା କଲେ । ଫେବୃଆରୀ ୨୦୧୦ରେ ନେପାଳର ବଡ ମିଡିଆ ମାଲିକ ଜାମିମ ଶାହକୁ ସଡକ ଉପରେ ଗୁଳିକରି ଛୋଟା ରାଜନ ଗୋଷ୍ଠୀ ହତ୍ୟାକଲେ । ଦାଉଦ ସହ ସଂପର୍କରେ ଥିବା ଶାହ ନେପାଳରେ ନକଲି ଭାରତୀୟ ଟଙ୍କା ଛାପି ଭାରତକୁ ଚାଲାଣ କରୁଥିଲା । ସେ ନିଜ କାର୍ ଚଳାଇ ଯାଉଥିବା ବେଳେ ତାକୁ ଅତି ନିକଟରୁ ଗୁଳି ହୋଇଥିଲା । ତେବେ କୁହାଯାଏ ଯେ ମହାରାଷ୍ଟ୍ରର ଶିବସେନା ସରକାର ଦାଉଦ ଗୋଷ୍ଠୀକୁ ନିୟନ୍ତ୍ରଣ କରିବା ପାଇଁ ଛୋଟା ରାଜନକୁ ପ୍ରୋତ୍ସାହନ ଦେଇଥିଲେ । ଦୁଇ ଗୋଷ୍ଠୀର ଲଢେଇ ଥାଇଲାଣ୍ଡ, ମାଲେସିଆ, ନେପାଳ ଆଦି ରାଷ୍ଟ୍ରରେ ବହୁଦିନ ପାଇଁ ଚାଲିଥିଲା । ଛୋଟା ରାଜନକୁ ହତ୍ୟା କରିବା ପାଇଁ ପାକ୍ ଗୁଇନ୍ଦା ଗୋଷ୍ଠୀ ଆଇଏସ୍‌ଆଇ ବିଦେଶରେ ଆକ୍ରମଣ କରାଇଥିଲା । ପରେ ଆଇଏସ୍‌ଆଇ ଏବଂ ଦାଉଦ ଗୋଷ୍ଠୀଙ୍କ ଆକ୍ରମଣରୁ ରକ୍ଷା ପାଇବାକୁ ରାଜନ ଭାରତ ଆସିବାକୁ ଚାହିଁଥିଲା ।

ଦାଉଦ ଏବେ କରାଚିରେ ରହୁଥିଲା ବେଳେ ନିଜ ଝିଅ ମାହରୁଖକୁ ପାକ୍ କ୍ରିକେଟର ଜାଭେଦ ମିଆଁଦାଦ୍‌ଙ୍କ ପୁତ୍ର ଜୁନେଦ ମିଆଁଦାଦ ସହ (୨୦୦୬), ଅନ୍ୟ ଏକ ଝିଅ ମେହରିନକୁ ପାକ୍-ଆମେରିକାନ ଆୟୁବ ସହ, ପୁଅ ମୋଇନକୁ ଲଣ୍ଡନର ବ୍ୟବସାୟୀ ସାନିୟା ସହ ବିବାହ ଦେଇଛି । ଜିହାଦି ଦାଉଦର ସଂପର୍କ ମନ୍ଦାକିନୀ, ଅନିତା ଆୟୁବ ପରି ନାୟିକା ଏବଂ ସୁନ୍ଦରୀମାନଙ୍କ ସହ ରହିଆସିଛି । ବଲିଉଡର ପ୍ରଯୋଜକ ଜାଭେଦ ସିଦ୍ଦିକୀ ଏବଂ ସଂଗୀତକାର ଗୁଲସନ କୁମାରଙ୍କ ହତ୍ୟାପଛରେ ଦାଉଦର ହାତ ରହିଥିଲା । ଦାଉଦର ଡି କମ୍ପାନୀ ବଲିଉଡରେ ଏକ ବଡ ଜିହାଦି ଗୋଷ୍ଠୀ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ବଲିଉଡ ସିନେମାରେ ପୁଞ୍ଜିନିବେଶ କରି ସେ ବିଗତ ବର୍ଷମାନଙ୍କରେ ନିଜ ଦାଦାଗିରି ଜୀବନ ଆଧାରିତ ଅନେକ ହିନ୍ଦୀ ସିନେମା ନିର୍ମାଣ କରାଇବାକୁ ସକ୍ଷମ ହୋଇଛି । ବଲିଉଡର ବ୍ଲାକ୍ ଫ୍ରାଇଡେ (୨୦୦୪), କମ୍ପାନୀ (୨୦୦୨), ଡି (୨୦୦୫), ସୁଟଆଉଟ୍ ଆଟ୍ ଲୋଖଣ୍ଡୱାଲା (୨୦୦୭), ୱାନ୍ସ ଅପନ ଏ ଟାଇମ ଆଟ୍ ମୁମ୍ବାଇ (୨୦୧୦), ଡି-ଡେ (୨୦୧୩), ସୁଟ୍‌ଆଉଟ୍ ଆଟ୍ ୱାଡଲା (୨୦୧୩), ଡୋଙ୍ଗ୍ରୀ କା ରାଜା (୨୦୧୬) ଚଳଚ୍ଚିତ୍ର ଦାଉଦର ମାଫିଆ ଜୀବନର ମହିମାମଣ୍ଡିତ କାହାଣୀକୁ ନେଇ ନିର୍ମାଣ ହୋଇଥିଲା ବେଳେ ହସିନା ପାର୍କର (୨୦୧୭) ଦାଉଦର ସ୍ୱର୍ଗତଃ ଭଉଣୀ ହସିନାର ଜୀବନକୁ କେନ୍ଦ୍ରକରି ନିର୍ମିତ ହୋଇଛି । ସାମ୍ବାଦିକ ହୁସେନ ଜୈଦୀ "ଡୋଙ୍ଗ୍ରୀ ଟୁ ଦୁବାଇ : ସିକ୍ସ ଡିକେଡସ୍ ଅଫ୍ ଦି ମୁମ୍ବାଇ ମାଫିଆ" ଏବଂ "ବାଇକୁଲା ଟୁ ବ୍ୟାଙ୍କକ୍" ଶୀର୍ଷକରେ ଦୁଇଟି ପୁସ୍ତକ ରଚନା କରିଥିଲେ, ଯେଉଁଥିରେ ଦାଉଦର ମହିମାମଣ୍ଡିତ ଜୀବନର କାହାଣୀ ରହିଛି । ସୁଟଆଉଟ୍ ଆଟ୍ ୱାଡଲା ସିନେମାଟି 'ଡୋଙ୍ଗ୍ରୀ ଟୁ ଦୁବାଇ'କୁ ଆଧାର କରି ନିର୍ମିତ ହୋଇଛି । ମୁମ୍ବାଇ ସିନେ ଜଗତର ଅନେକ ଅଭିନେତା ଅଭିନେତ୍ରୀଗଣ ଦୁବାଇଠାରୁ ଆୟୋଜିତ ଦାଉଦର କାର୍ଯ୍ୟକ୍ରମମାନଙ୍କରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଜଣାଅଛି । ନିର୍ଦ୍ଦେଶକ-ପ୍ରଯୋଜକମାନେ ଦାଉଦ ଅର୍ଥରେ ଅନେକ ସିନେମା ନିର୍ମାଣ କରିଛନ୍ତି ।

ମୁମ୍ବାଇ ବୋମା ବିସ୍ଫୋରଣ ମାମଲାରେ ଫାଶୀଦଣ୍ଡ ପାଇଥିବା ୟାକୁବ ମେନନର କବରକୁ ଉଦ୍ଧବ ଠାକରେଙ୍କ ଶାସନ କାଳରେ ମଜାରରେ ପରିଣତ କରାଯାଇଥିବା ଅଭିଯୋଗ ଉଠିଛି । ମୁମ୍ବାଇର ବିଜେପି ନେତା ରାମ କଦମ ୭ ସେପ୍ଟେମ୍ବର ୨୦୨୨ଦିନ ମୁମ୍ବାଇ ବଡା କବ୍ରସ୍ଥାନର ଏକ ଫଟୋ ଛାଡିଥିଲେ, ଯେଉଁଥିରେ ୟାକୁବର କବର ଉପରେ ସତେଜ ଫୁଲ ଚଢାଯାଇଥିବା ଦେଖିବାକୁ ମିଳିଥିଲା । ଚାରିପଟେ ନୀଳରଂଗର ପାଚେରି ନିର୍ମିତ ହେବା ସହ ମାର୍ବଲ ସବୁ ଲାଗିଥିଲା ଏବଂ କବରସ୍ଥାନକୁ ଆଲୋକରେ ସଜା ଯାଇଥିଲା । ମୁମ୍ବାଇର ମେରିନ ଲାଇନ୍ସ ରେଲଷ୍ଟେସନର ସମ୍ମୁଖରେ ଥିବା ୭ ଏକର ଜମିରେ ଫାଶୀ ପରେ ୟାକୁବକୁ କବର ଦିଆଯାଇଥିଲା । ଭାରତରେ ସନ୍ତ୍ରାସବାଦୀଙ୍କ ସ୍ମୃତିରେ ରାଜନେତାମାନେ କିପରି ପାଗଳ, ଏହା ତା'ର ଏକ ଉଦାହରଣ ।

ଏକଥା ସତ ଯେ ଇଣ୍ଡୋନେସିଆର ବାଲିଠାରେ ୨୫ ଅକ୍ଟୋବର ୨୦୧୫ରେ ଅଷ୍ଟ୍ରେଲିଆ ପୁଲିସ ସୂଚନାରେ ଛୋଟା ରାଜନକୁ ଗିରଫ କରାଯିବା ପରେ ତାକୁ ଭାରତ ଅଣାଯାଇଥିଲା । ସାମ୍ବାଦିକ ଜ୍ୟୋତିର୍ମୟ ଦେ ହତ୍ୟା ମାମଲାରେ ସେ ଏବେ ଆଜୀବନ କାରାବାସ ଭୋଗ କରୁଛି । ତେବେ ଛୋଟା ରାଜନର ଗିରଫ ଘଟଣା ପରେ ଦାଉଦ ଗୋଷ୍ଠୀ ୨୦୧୫ ପରଠାରୁ ପୁନର୍ବାର ସକ୍ରିୟ ହୋଇ ଉଠିଛନ୍ତି । କେନ୍ଦ୍ରରେ ରାଷ୍ଟ୍ରବାଦୀ ମୋଦି ସରକାରଙ୍କୁ ବାମପନ୍ଥୀ, ଜିହାଦି, ଖାଲିସ୍ଥାନୀ, ବିଦେଶୀ ଗୋଷ୍ଠୀ, ପାକ୍ ଗୋଷ୍ଠୀ ଆଦି ବିରୋଧ କରୁଥିବାରୁ ଏହିସବୁ ଗୋଷ୍ଠୀଙ୍କ ସ୍ୱାର୍ଥରେ ଦାଉଦ ଭିନ୍ନ ଭିନ୍ନ ମାଧ୍ୟମରେ ଅର୍ଥ ଲଗାଇବାରେ ଲାଗିଛି ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ନୂଆବର୍ଷ ଉପହାର

**ଅନାମିକା ଦାସ**

ବିରେନ୍ ଚାଲିଯିବା ପରେ ଏ ବୋଧେ ତିନିବର୍ଷରେ ପ୍ରଥମ କି ମୋ ପୁଅ ମତେ ସରପ୍ରାଇଜ୍ ଗିଫ୍ଟ ଲାଗି ଯୋଜନା କରୁଛି । ଦୁର୍ଘଟଣାରେ ବିରେନ୍ ଚାଲିଯାଇଥିଲେ ଆଉ ମୁଁ ଡାହାଣ ଗୋଡ ଭାଙ୍ଗିବା ଯନ୍ତ୍ରଣା ସହ ଏକୁଟିଆ ବଞ୍ଚିବା କଷ୍ଟ ସହିଚାଲିଛି । ଗୋଟିଏ ବୋଲି ପୁଅ, ସ୍ୱାମୀ ଡାକ୍ତର ଥିଲେ ନିଜର କ୍ଲିନିକ୍ । ମତେ କେବେ ଅଭାବ କି ପୁଅର କୋଉ ବି ଇଚ୍ଛା ଅପୂରଣୀୟ କରି ନ ଥିଲେ ସେ । ପୁଅ ବୋହୂ ଦୁହେଁ ଚାକିରିଆ, ଏତେ ପାଠ ପଢ଼ି ଆର୍ଥିକ ଭାବେ ଦୃଢ଼ ନ ହେବାଟା କୁଆଡେ ବୋକାମୀ । ସେଥିଲାଗି ଦରକାର ନଥିଲେ ବି ବୋହୂ ଚାକିରୀ କରେ । ଏତେ ପାଠ ପଢ଼ି ଆର୍ଥିକ ଭାବେ ଦୃଢ଼ ନହେବାଟା କୁଆଡେ ବୋକାମୀ । ସେଥିଲାଗି ଦରକାର ନଥିଲେ ବି ବୋହୂ ଚାକିରୀ କରେ । ଆମର ସହମତି-ଅନୁମତି କିଏ ପଚାରେ ! ବିରେନଙ୍କ ପରେ କ୍ଲିନିକ୍ ବନ୍ଦ, ଉପର ମହଲାରେ ଆମେ ରହୁଥିଲୁ । ହେଲେ ଏମିତି ଛକ ଉପରେ ରହିବାକୁ ନାପସନ୍ଦ କଲେ ପୁଅ ବୋହୂ, ଶେଷରେ ଆମ ଘର ବିକ୍ରି ହେଲା ଆଉ ସୁଉଚ୍ଚ ଆପାର୍ଟମେଣ୍ଟର ଅଷ୍ଟମ ମହଲାରେ ଘର କିଣା ହେଲା । ବୋହୂ ପଚାରିଲା ମା' ଘର କେମିତି ଲାଗୁଛି ? ସେ ପୁରୁଣା ଘରଠୁ କେତେ ଭଲ ନା ! ଏଇ ବାଲ୍‌କୋନିରୁ ଅଧା ଭୁବନେଶ୍ୱର ଦେଖିହେଉଛି, ହେଇ ଦେଖୁନାହାନ୍ତି ତଳେ କେତେ ବଡ ପାର୍କ, ସୁଇମିଙ୍ଗ୍ ପୁଲ । ବୋହୂର ପିଲାପିଲି ହେବାର ଥିଲା ତ ମୁଁ ତା' ହଁ ରେ ହଁ ମିଶେଇ କହିଥିଲି ମା'ରେ ଏତେ ଉପରେ ନ ନେଇ ଟିକେ ତଳ ମହଲା ହେଇଥିଲେ ତତେ ସୁବିଧା ହେଇଥାନ୍ତା, ଏ ଅବସ୍ଥାରେ ଲିଫ୍ଟରେ ଯିବା ଆସିବା ଠିକ୍ ନୁହେଁ, ବରଂ ତୁ ଚାକିରି ଛାଡିଦେ, ଆମେ ଶାଶୁ-ବୋହୂ ଘରେ ରହିବା, ଏକୁଟିଆ ମା' ମତେ ଭଲ ଲାଗୁନି । ବୋହୂ ମନ ପିତା କରି କହିଥିଲା ମା' ଏତେ ପାଠ ପଢ଼ି ଘରେ ବସିବି ! ଆଉ ଆପଣ ଦିନସାରା ଟିଭି ଦେଖନ୍ତୁ, ବୋର୍ ହେଲେ ତଳକୁ ଯାଇ ବସିବେ । ମୁଁ ତାକୁ ଦେଖୁଥାଏ ଆଉ ପାଖରେ ଥିବା ପୁଅ ମୁହଁକୁ କି ସେ କହିବ ବୋହୂକୁ ମୁଁ ଅପାଠୋଇ ନୁହେଁ, ମୁଁ ମନସ୍ତତ୍ୱରେ ଗୋଲ୍ଡମେଡାଲିଷ୍ଟ, ଆଉ ଏ ବୟସରେ ଭଙ୍ଗା ଗୋଡରେ ମୋ ଲାଗି ପାର୍କ ବୁଲିବା ବି ଅସମ୍ଭବ ପ୍ରାୟ । ହେଲେ ପୁଅର ଉତ୍ତର ଥିଲା ମା' ତୁ ଜମା ଚେଷ୍ଟା ହିଁ କରୁନୁ ଠିକ୍ ହେବାକୁ, ଅନ୍ୟ ଉପରେ ନିର୍ଭର ହେବା ତୋର ଅଭ୍ୟାସ ହେଇଗଲାଣି, ମୁଁ ଚୁପ୍ । ବୋହୂର ଝିଅଟେ ହେବା ପରେ ଦୁଇମାସ ଛୁଟିରେ ଥିଲା ତ ସେ ବାପଘରକୁ ଚାଲି ଯାଇଥିଲା । ଆଉ ମୁଁ ମୋ ପୁଅକୁ ତା'ମନ ମୁତାବକ ରୋଷେଇ କରି ଖାଇବାର ଆନନ୍ଦରେ ମୋ ଗୋଡ କଷ୍ଟ ଭୁଲି ଯାଇଥିଲି । ବୋହୂ ନାତୁଣୀ ସହ ଫେରିଲା ପରେ ମତେ ହିଁ ନାତୁଣୀର ଦାୟିତ୍ୱ ଦିଆଗଲା । ପୁଅ ଗୋଟେ ଆୟା ରଖିବାର ପ୍ରସ୍ତାବ ରଖିଥିଲା, ମୁଁ କିଛି କହିବା ଆଗରୁ ବୋହୂ ମୋର କହିଥିଲା ନା' ନା' ଜେଜେ ମା' ଯେମିତି ନାତୁଣୀର ଯତ୍ନ ନେବେ କୋଉ ବି ଆୟା ପାରିବେନି, ଏଟା ମୋ ଲାଗି କିଛି ଆଶ୍ଚର୍ଯ୍ୟକର ନଥିଲା, ରୋଷେୟା ବି ରଖାହେଇ ନ ଥିଲା ଏଇୟା କହିକି ମା' ଯେମିତି ପିଲାଙ୍କ ପାଟି ସ୍ୱାଦ ବୁଝିବ ଆଉ କେହି ବୁଝିବେନି । ଆଉ ମୁଁ ଗୋଡ କଷ୍ଟ ସତ୍ତ୍ୱେ ଚୁପ୍ ଚାପ୍ ସବୁ ମାନି ନେଉଥିଲି । ହଁ ଘରପୋଛା - ଲୁଗା ସଫା ଲାଗି ଝିଅଟିଏ ଆସେ, ବେଶୀ କଷ୍ଟ ହେଲେ ତାକୁ କୁହେ ମୋ ଗୋଡରେ ଟିକେ ମାଲିସ୍ କରିଦେ । ଏମିତି ଏମିତି ନାତୁଣୀ ତିନିବର୍ଷର ହେଲା । ଏବେ ତା' ଲାଗି ସ୍କୁଲ ପସନ୍ଦରେ ପୁଅ-ବୋହୂ ଲାଗିଲେ । ଘର କାମ କରୁଥିବା ଝିଅଟି ନୂଆ ବର୍ଷ, ଦଶହରା ଭେଟି ପାଏ ଆଉ ମୁଁ ଖାଲି ତାକୁ ଆଶୀର୍ବାଦ ହିଁ ଦେଇପାରେ । ବିରେନ୍ ଚାକିରି କରି ନଥିଲେ ଯେ ମୁଁ ପେନ୍‌ସନ ପାଇବି ଆଉ କ୍ଲିନିକ୍ ତିଆରି,



ପୁଅ ପଢ଼ାର ପ୍ରାଧାନ୍ୟରେ କିଛି ପଲିସି ବି କରିନଥିଲେ ତ ମୋ ହାତ ଖାଲି, ମଝିରେ ମୋ ସହପାଠିନୀର କୋଚିଙ୍ଗ୍ ସେଣ୍ଟରରେ ଅନ୍‌ଲାଇନ୍ ଦିନକୁ ଦୁଇଘଣ୍ଟା ପଢ଼ାଇବା ଅନୁରୋଧକୁ ପୁଅର ଅନୁମୋଦନ ମିଳିନଥିଲା । ମା' ଏ ବୟସରେ ତୋର କିଛି କରିବା ଦରକାର ନାହିଁ, ତୁ ଚଲାବୁଲା କରେ, ଏମିତି ଘରେ ବସି ରହିଲେ କୋଉ ଫିଜିଓଥେରାପି ବି ତତେ ଠିକ୍ କରିପାରିବନି । ମୋ ଇଚ୍ଛା, ଖୁସି ସେ ସବୁ ଅର୍ଥହୀନ ହେଇସାରିଥିଲା । ହେଇ ପୁଣି ଗୋଟେ ବର୍ଷ ସରିବ, ନୂଆ ବର୍ଷ ଆସିବ, ଆପାର୍ଟମେଣ୍ଟ ସଜାସଜି ହେଲାଣି, ଘରେ ବି ନୂଆ ସୋଫା, ପର୍ଦ୍ଦା ଲାଗିଲାଣି । କାମବାଲୀ ବି ଭେଟି ପାଇ ଖୁସ୍, ମୁଁ ବାଲ୍‌କୋନିରେ ବସି ତଳକୁ ଦେଖୁଥାଏ । ସେ କାମବାଲୀ କହିଲା ମା' ବାବୁ-ବାବୁଆଣୀ ତମ ଲାଗି କ'ଣ ଗୋଟେ ସରପ୍ରାଇଜ୍ ଗିଫ୍ଟ ବିଷୟରେ କଥା ହେଉଛନ୍ତି । ମୋ ନିରସ ଶରୀରରେ ଟିକେ ପ୍ରାଣ ପଶିଲା ସତେ.... ସତରେ କ'ଣ ତିନିବର୍ଷ ପରେ ମତେ ଉପହାର ମିଳିବ ! ଉପହାରଟା ଯାହା ବି ହେଉ ମୋ ଲାଗି ଭାବିଲେ ସେଟା ବଡ । ଦାଣ୍ଡ କବାଟ ଦେଇ ପୁଅ-ବୋହୂଙ୍କ ରୁମ୍ ଆଡେ ବଢ଼ିଲି, ବୋହୂ କହୁଥିଲା ତମେ ସବୁ ପ୍ୟାକେଜ୍ ମା'ଙ୍କୁ କୁହ ତାଙ୍କ ପସନ୍ଦ ଅନୁସାରେ ଆମେ ପ୍ୟାକେଜ୍ ନେବା । ଖୁସିରେ ମୋ ଆଖି ଛଳ ଛଳ ହେଇ ଯାଉଥାଏ, ପୁଅ ମୋର କହୁଥାଏ ନୂଆ ବର୍ଷ ଆଗରୁ ମା' କଥା ବୁଝିଦେବା, ସେ ଏତେ ତଳ ଉପର ହେଇପାରିବନି କି ଆମ କମ୍ୟୁନିଟି ହଲ୍‌ର ନୂଆବର୍ଷ ପାଳନ ତାକୁ ପସନ୍ଦ ନୁହେଁ, ମୁଁ ଆଉ ଶୁଣିଲିନି ଖୁସିରେ ପାଦ ତଳେ ଲାଗୁନଥାଏ, ମୋ ରୁମ୍‌ରେ ଖଟରେ ଗଡିପଡିଛି କି ନାତୁଣୀ ଆସି ଡାକିଲା ଠାକୁମା' ଚାଲ ବୁଲିଯିବା, ପୁଅ ବୋହୂ ବି ତା' ପଛେ ପଛେ, ମୁଁ ସବୁଥର ପରି କିଛି ନପଚାରି ଶାଢ଼ୀଟେ ଧରି ଗୋଟେ କ୍ୟାମ୍ପସ୍ ଭିତରେ ଓହ୍ଲେଇଲା ବେଳେ ଚାରିଆଡେ ଆଖି ବୁଲେଇ ଦେଖିଲି ଗୋଟେ ରୁମ୍ ଆଗରେ କାର୍ଯ୍ୟାଳୟ ଲେଖାହେଇଛି, ମନେମନେ ଭାବିଲି ପିଲାମାନେ କ'ଣ ମୋର କୋଉ କମ୍ପ୍ୟୁଟର କ୍ଲାସ କି ଫିଜିଓଥେରାପି ସେଣ୍ଟରରେ ଆଡମିଶନ କରିବେ, ହଁ ମୋର ଭାରି ଇଚ୍ଛା ଥିଲା ଅନ୍ୟମାନଙ୍କ ପରି ଟିକେ କମ୍ପ୍ୟୁଟର ଶିକ୍ଷା କରନ୍ତି ତ ଭିଡିଓ କଲ୍, ଇଣ୍ଟରନେଟ୍‌ରେ ଗୁଡେ ବହି ପଢ଼ି ଦିନ କାଟିପାରନ୍ତି ବୋଲି, ମୁଁ ଏକଥା ଥରେ ବୋହୂକୁ କହିଥିଲି, ଆଉ ପୁଅକୁ ଗୋଡଟା କଷ୍ଟ କଥା । ତା'ହେଲେ ମୋ ପିଲାମାନେ ମୋତେ ବୁଝିପାରିଛନ୍ତି, ନୂଆବର୍ଷର ସରପ୍ରାଇଜ୍ ପୁଅର ଡାକରେ ମୁଁ ଭିତରକୁ ଗଲି, ପିଲାଟେ ରେଜିଷ୍ଟର ଧରି ବୁଝେଇବା ଆରମ୍ଭ କଲା, ଆଜ୍ଞା ଯେହେତୁ ମା' ପେଡ୍ କାଟାଗୋରି ତ ବିଭିନ୍ନ ପ୍ୟାକେଜ୍ ଅଛି, ସିଙ୍ଗିଲ୍ ରୁମ୍ ନା ଡବଲ ବେଡ୍, ଏସି ନା ପଙ୍ଖା, ଟିଭି, ଗିଜର ଆଉ ମନ ମୁତାବକ ଖାଦ୍ୟ । ଆଉ ଅନ୍ୟ ପ୍ୟାକେଜ୍‌ରେ ଟିକେ କମ୍ ଖର୍ଚ୍ଚ ଆଉଟିକେ କମ୍ ସୁବିଧା ଦେଉ ଆମେ । ଆଉ ପ୍ଲାଟିନମ୍ ପ୍ୟାକେଜ୍‌ରେ ଆମେ ଶେଷକୃତ୍ୟ ବି କରୁ, ତାହା ପୁଣି ପୁରୀ ସ୍ୱର୍ଗଦ୍ୱାରରେ । ବୋହୂ ମୋର ପୁଅକୁ କହିଲା ନା' ନା' ମା'ଙ୍କ ଲାଗି ଆମେ ଏ ପ୍ରିମିୟମ ପ୍ୟାକେଜ୍‌ଟା ନବା । ମା'ଙ୍କର ବୟସ କେତେ ଯେ ସେ ସ୍ୱର୍ଗଦ୍ୱାର ପ୍ୟାକେଜ୍, ବେକାରରେ ଟଙ୍କା ବ୍ଲକ ହେଇ ରହିବ । ମୋ ଖୁସି ଛଳଛଳ ଆଖି ପଥର ହେଇଚାଲିଥିଲା, ଦେହ ଝିମ୍ ଝିମ୍ ହେଇଯାଉଥିଲା ତା'ହେଲେ ନୂଆବର୍ଷର ଉପହାର ଏ ବୃଦ୍ଧାଶ୍ରମର ଗୋଟେ ପ୍ରିମିୟମ୍ ଅନ୍ତେବାସିନୀ ! ପୁଅ ଟିକେ ଯୋଡିଲା କହିଲା ମା'ର ଗୋଡ ଭଙ୍ଗା ତ ଟିକେ ପାର୍କ ବୁଲା ବୁଲି କରେଇବେ, ସେଥିଲାଗି ଆଉ ଟିକେ କିଛି ଅଧିକା ଖର୍ଚ୍ଚ ଲାଗୁ ପଛେ, କୁନି ନାତୁଣୀଟା ବି ଖଣ୍ଡି ପାଟିରେ କହୁଥିଲା ଠାକୁମା' ନାଲି ଚାହା ପିଅନ୍ତି, ମୋ ଇଚ୍ଛା କେବେ ପଚରା ହେଇନି ତ ଏବେ ବି ହଁ ନାଁରେ ଅପସନ୍ ନଥିଲା, ପୁଅ ମୋ କାନ୍ଧରେ ହାତ ରଖି ଖୁବ୍ ଗର୍ବରେ କହୁଥିଲା ମା' ତୋ ଖୁସି ଲାଗି ଆମେ କିଛି ବି କରିପାରିବୁ, ତୋ ବୋହୂ ବି ଦେଖୁନୁ ସବୁଠୁ ଭଲ ପ୍ୟାକେଜ୍‌ଟା ନେଉଛି । ଏଠି ତୁ ବୋର୍ ହେବୁନି, ଝିଅ ତ ସ୍କୁଲ ଯିବ, ଆମେ ଅଫିସ୍ ତ ଏଠି ତୋ ସମବୟସ୍କଙ୍କ ସହ ତତେ ଭଲ ଲାଗିବ । ରାତି ପାହିଲେ ଡିସେମ୍ବର ଶେଷ.... ଘରେ ମୋ ଲଗେଜ୍ ପ୍ୟାକ୍ କରୁଥିଲା ପୁଅ, ବୋହୂ ଲଫାଫାଟେ ହାତରେ ଦେଇ କହିଲା ମା' ଏଇଟା ତମ ପ୍ରିମିୟମ ଅନ୍ତେବାସିନୀର କାର୍ଡଟା.... ଏଥର କାର୍‌ଟା ଭିତରକୁ ଗଲାନି ଗେଟ୍ ପାଖେ ରହିଲା, ହାତରେ ନୂଆବର୍ଷ ଉପହାର ଲଫାଫାଟା ଧରି ଗେଟ୍ ଉପର ମାତୃ ବୃଦ୍ଧାଶ୍ରମ ବୋର୍ଡଟାକୁ ଦେଖୁଥିଲି.... ପୁଅ-ବୋହୂ ମତେ ଭିତରେ ଛାଡି ମୁଣ୍ଡିଆ ମାରିଲା ବେଳେ ମନେ ମନେ କହୁଥିଲି ଏମିତି ନୂଆବର୍ଷ ଉପହାର କୋଉ ବି ବାପା ମା'ଙ୍କୁ ନମିଳୁ......

*-ପ୍ରଶାସନିକ ଅଧିକାରୀ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଭୁବନେଶ୍ୱର, ଓଡିଶା, ମୋ-୭୦୦୮୩୯୬୬୫୪*




# ୨୯ଟି ନୂଆ ଥାନାକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,(ପିଏନ):** ରାଜ୍ୟରେ ଆଉ ୨୯ଟି ନୂଆ ଥାନା କାର୍ଯ୍ୟକ୍ଷମ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୨୧ଟି ଜିଲ୍ଲାରେ ୨୯ଟି ନୂଆ ଥାନାର ଆଜି ଲୋକାର୍ପଣ କରିଛନ୍ତି । ଏହି ନୂଆ ଥାନା ସହ ରାଜ୍ୟରେ ମୋଟ ଥାନା ସଂଖ୍ୟା ୭୦୮କୁ ବୃଦ୍ଧି ପାଇଛି । ଏଥିରେ ମେରାଇନ୍ ଓ ଏନର୍ଜି ଥାନା ମଧ୍ୟ ସାମିଲ ଅଛି ।ମିଳିଥିବା ସୂଚନା ଅନୁସାରେ, ଆଜି ୨୯ଟି ଫାଣ୍ଡିକୁ ନୂଆ ଥାନା ଭାବେ ଉନ୍ନୀତ କରାଯାଇଛି । ଏଥିରେ ରାଜଧାନୀ ଭୁବନେଶ୍ୱରସ୍ଥିତ ସାଲିଆସାହିରେ ଥିବା ପାଣ୍ଡିକୁ ମୈତ୍ରୀବିହାର ଥାନା ଭାବେ ଉନ୍ନୀତ କରାଯାଇଥିବାବେଳେ ଜଗତସିଂହପୁର ଜିଲ୍ଲାର କୃଷ୍ଣାନନ୍ଦପୁର, ରାୟଗଡାର ରାମନାଗୁଡା, ଯାଜପୁରର ଅଲାକୁଣ୍ଡା ଓ ବ୍ରହ୍ମବରଦା, ଖୋର୍ଦ୍ଧାର ନାଚୁଣୀ, ସୁବର୍ଣ୍ଣପୁରର ଲଚ୍ଛିପୁର, ପୁରୀର ଚ଼ାରିଛକ, ଅନୁଗୁଳର ବାଗେଡିଆ, ଗୋଲାପପ୍ରସାଦ, ଢେଙ୍କାନାଳ ମହାବୀର ରୋଡ୍ , ଝାରସୁଗୁଡାର ଏୟାରପୋର୍ଟ ଥାନା, ମୟୂରଭଞ୍ଜର ଭଞ୍ଜପୁର ଥାନା, କେନ୍ଦ୍ରାପଡାର ଚ଼ଉଦାକୁଲାଟ ଓ କୁଦାନଗିରି, ଦେବଗଡର ଲାମୁରା, ନବରଙ୍ଗପୁରର ମୈଦାଲପୁର, କଟକର ମାଣିଆବନ୍ଧ, ଜୁଡୁମ, ଭଦ୍ରେଶ୍ୱର, କୋରାପୁଟର ସୁନକୀ, ବଲାଙ୍ଗିରର ଆଗଲପୁର , ବାଲେଶ୍ୱରର ଗୋପାଳପୁର, କଳାହାଣ୍ଡିର କଲାମପୁର, ଗଞ୍ଜାମର ବେଗୁନିଆପଡା, କୋଟିନାଡା, ସମ୍ବଲପୁରର ବରେଇପାଲ୍ଲୀ , ବ୍ରହ୍ମପୁରର ନିମଖଣ୍ଡି ଓ ବୌଦ୍ଧର ଘଂଟାପଡା ପୁଲିସ ଫାଣ୍ଡିକୁ ଆଜି ଥାନାକୁ ଉନ୍ନୀତ କରାଯାଇଛି । ଏହି ସମସ୍ତ ଥାନାରେ ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥା ସହ ମହିଳା ଓ ଶିଶୁ ଡେସ୍କ ମଧ୍ୟ ରହିଛି ।

ଏହି ସମସ୍ତ ଥାନାକୁ ମୁଖ୍ୟମନ୍ତ୍ରୀ ଏକସଙ୍ଗେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦଘାଟନ କରିଛନ୍ତି । ସୂଚନାଯୋଗ୍ୟ, ଗତ ୨୦୨୨ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୩୬ଟି ଥାନାର ଲୋକାର୍ପଣ କରିଥିଲେ ।

## ମାଲକାନଗିରି ମହାବିଦ୍ୟାଳୟରେ ବିଶ୍ୱକପ୍ ହକି ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ମାଲକାନଗିରି,(ପିଏନ)-** ମାଲକାନଗିରି ମହାବିଦ୍ୟାଳୟରେ ବିଶ୍ୱ ହକି ପାଇଁ ପ୍ରୋତ୍ସାହନ ଏବଂ ସଚେତନ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କଲେଜ ପରିସରରୁ ଏକ ବିଶାଳ ରାଲି ମାଧ୍ୟମରେ ଆରମ୍ଭ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହକି ଖେଳପ୍ରତି ଆଗ୍ରହ ସୃଷ୍ଟି କରାଇଥିଲେ ଏବଂ ବିଶ୍ୱକପର ପ୍ରତ୍ୟେକ ମ୍ୟାଚକୁ ଡିଜିଟାଲ ମୋଡରେ ହେଉ ବା ଖେଳ ପଡିଆରେ ହେଉ ଉପଭୋଗ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ହକି ଖେଳ ଭାରତର ଜାତୀୟ ଖେଳ ହୋଇଥିବାରୁ ଏଥିପ୍ରତି ଯୁବଗୋଷ୍ଠି ମଧ୍ୟରେ ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି କରିବା ପାଇଁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ଏଥିସହିତ ମାଲକାନଗିରି ଜିଲ୍ଲାରୁ ହକି ପ୍ରତିଭାର ଅନ୍ୱେଷଣ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରବର୍ତ୍ତାଇଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ମୁଖ୍ୟ ଡ. ରଂଜନ କୁମାର ସ୍ୱାଇଁ ବିଶ୍ୱକପ ହକି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ରଖିଥିଲେ । ବିଶ୍ୱକପ ରାଲି କଲେଜ ପରିସରରୁ ଆରମ୍ଭ ହୋଇ କୋର୍ଟ ଛକ ପର୍ଯ୍ୟନ୍ତ ଯାଇଥିଲା ଏବଂ ଛାତ୍ରଛାତ୍ରୀ ମାନେ ବିଭିନ୍ନ ସ୍ଲୋଗାନ ଦେଇ ହକି ର ସଫଳତା ପାଇଁ ଚେଷ୍ଟା କରିଥିଲେ ।ଏହି କାର୍ଯ୍ୟକ୍ରମରେ କଲେଜର ଏନ୍.ସି.ସି., ଏନ୍.ଏସ୍.ଏସ୍. ଏବଂ ରେଡକ୍ରସର ସ୍ୱେଚ୍ଛାସେବୀ ମାନେ ଭାଗ ନେଇଥିଲେ । ଏହା ସହିତ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଲିଙ୍ଗରାଜ ମିଶ୍ର, ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ, ଅଧ୍ୟାପିକା ନମିତା ଦଣ୍ଡସେନା, ପ୍ରମୀୟ କୁମାର ମହାନ୍ତି, ପ୍ରେମରେଖା ଭତ୍ରା, ସୁଶାନ୍ତ ମାଝୀ, ଗୌତମ ନାୟକ, ତପନ କୁମାର ବେହେରା ଜିମୁତ ନାୟକ, ଡ. ଗୋକୁଳାନନ୍ଦ ପାତ୍ର ଏବଂ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ମାନେ ଭାଗ ନେଇଥିଲେ ।

# ସମ୍ବଲପୁର ରେଳମଣ୍ଡଳ ଯାତ୍ରୀ ସୁବିଧା ଉନ୍ନତି ପାଇଁ ପ୍ରତିବଦ୍ଧ




**ସମ୍ବଲପୁର,(ପିଏନ):** ଯାତ୍ରୀମାନଙ୍କୁ ଉତ୍ତମ ସୁବିଧା ଯୋଗାଇବା ପାଇଁ ଏହାର ପ୍ରୟାସରଏକଆମ ଭାବରେ ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳ ବିଭିନ୍ନ ପଦକ୍ଷେପମାନେ ହେଉଛି । ବଲାଙ୍ଗୀରଏବଂ ବରଗଡ ରୋଡ ଷ୍ଟେସନରେ ୩୪ ସଂଖ୍ୟକ ଅତିରିକ୍ତ ବେଞ୍ଚ ଯୋଗାଇ ଦିଆଯାଇଛି । ଯାହାଯାତ୍ରୀ ସଂଖ୍ୟା ବୃଦ୍ଧିର ଆବଶ୍ୟକତାକୁ ପୂରଣ କରିବ । ସରଗିପାଲି ଷ୍ଟେସନର ପ୍ଲାଟଫର୍ମ ସଂଖ୍ୟା ୧ରେ ଦିବ୍ୟାଙ୍ଗଜନଙ୍କ ପାଇଁ ୱାଟର ବୁଥ୍(ଜଳ ବ୍ୟବସ୍ଥା) କରାଯାଇଛି । ବଲାଙ୍ଗୀର ଓ କୋମାଖାନ ଷ୍ଟେସନର ପ୍ଲାଟଫର୍ମ ସଂଖ୍ୟା ୧ରେ ଷ୍ଟାଣ୍ଡାର୍ଡ ଟେକ୍‌ଟାଇଲ୍ ଗାଇଡ/ପାଥୱେ ଟୁ ପ୍ଲାଟଫର୍ମ ପ୍ରଦାନ କରାଯାଇଅଛି । ଷ୍ଟେସନ ଭବନର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ପାଇଁ ବରଗଡ ରୋଡ ଷ୍ଟେସନରେ ଡିଜିଟାଲ ମଲ୍ଟିପ୍ଲେକ୍ସ କଣ୍ଟ୍ରୋଲର ସହିତ ଏଲଇଡି ଆଧାରିତ ଆରଜିବି (ରେଡ, ଗ୍ରୀନ୍ ଏବଂ ବ୍ଲୁ) ଲାଇଟ୍ ପ୍ରଦାନ କରାଯାଇଅଛି । ଏହାବ୍ୟତୀତ ବରଗଡ ରୋଡେ ଅତିରିକ୍ତ ପ୍ଲାଟଫର୍ମ ସେଡର ପ୍ରାବଧାନ କରାଯାଉଅଛି । ମହାସମ୍ମନ୍ଦ, କୋମାଖାନ ଓ ଲଖନା ଷ୍ଟେସନ ଗୁଡିକରେ ଷ୍ଟେସନ ପରିକ୍ଷେତ୍ର ଉନ୍ନତିକରଣ କରଯାଇଅଛି ତଥା ଲଖନା ଓ ଆରଙ୍ଗ ମହାନଦୀ ଷ୍ଟେସନରେ ପ୍ଲାଟଫର୍ମ ପୃଷ୍ଠର କଂକ୍ରିଟିଙ୍ଗ କରାଯାଇଅଛି । ପୂର୍ବତଟ ରେଳପଥ, ସମ୍ବଲପୁର ରେଳମଣ୍ଡଳ, ମଣ୍ଡଳର ସମସ୍ତ ଷ୍ଟେସନ ଗୁଡିକରେ ଯାତ୍ରୀ ସୁବିଦା ଆହୁରି ଉନ୍ନତି କରିବା ପାଇଁ କ୍ରମାଗତ ଭାବରେ କାର୍ଯ୍ୟ କରିଆସୁଛି ।

# କନ୍ଧମାଳରେ ଭୀଷଣ ଜାଡ଼

କନ୍ଧମାଳ, (ପିଏନ)-କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ ସମେତ ସମଗ୍ର ଜିଲ୍ଲାରେ ଗତ ଦୁଇ ଦିନ ଧରି ଶୀତର ପ୍ରକୋପ ବୃଦ୍ଧି ପାଇଛି । ଗତକାଲି ଫୁଲବାଣୀର ସର୍ବନିମ୍ନ ରାତ୍ରି ତାପମାତ୍ରା ୫ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଓଡିଶାର କାଶ୍ମୀର ଭାବରେ ପରିଚିତ ଥିବା ଦାରିଙ୍ଗବାଡ଼ିର ତାପମାତ୍ରା ୬.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ନେଇ ଆଜି ଜିଲ୍ଲା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହାର ପ୍ରଭାବରେ ଦାରିଙ୍ଗବାଡ଼ିରେ କିଛି ଯାଗାରେ ବରଫ ପଡିଥିବା ଦେଖାଯାଇଛି । ବ୍ଲକର ବିଭିନ୍ନ ସ୍ଥାନରେ ଚଳିତ ବର୍ଷର ପ୍ରଥମ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି ।ଶୁକ୍ରବାର ଫୁଲବାଣୀରେ ରାତ୍ରି ତାପମାତ୍ରା ୮.୦ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଦାରିଙ୍ଗବାଡ଼ିରେ ୮.୫ ଡିଗ୍ରୀ ରହିଥିଲା । ଗତକାଲି ହଠାତ୍ ଏହା ତଳକୁ ଖସି ଆସିଥିବା ଯୋଗୁଁ ରବିବାର ସନ୍ଧ୍ୟାରୁ ପ୍ରବଳ ଶୀତ ଅନୁଭୂତ ହୋଇଛି । ଏହାର ପ୍ରଭାବରେ ଫୁଲବାଣୀ ସମେତ ଦାରିଙ୍ଗବାଡ଼ି ଓ ଜିଲ୍ଲାର ଫିରିଙ୍ଗିଆ, ଘୁ.ଉଦୟଗିରି, ରାଇକିଆ, କ. ନୂଆଗାଁ, ବାଲିଗୁଡା, ତୁମୁଡ଼ିବନ୍ଧ, କୋଟଗଡ ସମେତ ବିଭିନ୍ନ ଅଂଚଳର ଲୋକଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି । ସକାଳୁ ଘନ କୁହୁଡ଼ିରେ ଆକାଶ ଆଚ୍ଛାଦିତ ହୋଇ ପଡିଛି । ସକାଳ ୧୦ ଟା ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ଦେଖା ଯାଉନାହିଁ । ଘରେ ଓ ରାସ୍ତା କଡରେ ଲୋକେ ନିଆଁ ଲଗାଇ ଶୀତ ଦାଉରୁ ରକ୍ଷା ପାଇବାକୁ ଚେଷ୍ଟା କରୁଛନ୍ତି । ତାପମାତ୍ରା ଖସିଯିବା ଯୋଗୁଁ ଆଜି ଦାରିଙ୍ଗବାଡ଼ିର କେତେକ ସ୍ଥାନରେ ସାମାନ୍ୟ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି । ଗତକାଲି ସନ୍ଧ୍ୟାଠାରୁ ଆକାଶ ମେଘ ମୁକ୍ତ ରହିବା ଫଳରେ ରାତିରେ ପ୍ରବଳ ଥଣ୍ଡା ସହ ବ୍ଲକ ଅଂଚଳରେ ଅନେକ ସ୍ଥାନରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି । ଏହିଭଳି ତୁଷାରପାତ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ।ଦାରିଙ୍ଗବାଡ଼ି କୁତୁବାଡ଼ି ସିମନବାଡ଼ି ତିଲୋରୀ ଗ୍ରୀନବାଡ଼ି ସମେତ ବିଭିନ୍ନ ଆଭ୍ୟନ୍ତରୀଣ ଅଂଚଳରେ ତୁଷାରପାତ ଦେଖିବାକୁ ମିଳିଛି । ଗୋଟିଏ ପଟେ ଗତକାଲି ଠାରୁ ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ଶୀତ ଉତ୍ସବ ଆରମ୍ଭ ପରେ ପରେ ଏଭଳି ତୁଷାରପାତ ପଡ଼ିବାରୁ ତାହାକୁ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି । ଜିଲ୍ଲାର ଦାରିଙ୍ଗବାଡ଼ି ତଥା ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଛି ।

## ଧାମନଗରରେ ମିଳିତ ଜନଶୁଣାଣି ଶିବିର

**ଭଦ୍ରକ, (ପିଏନ)-** ଆଜି ମାସର ଦ୍ୱିତୀୟ ସୋମବାରରେ ଜିଲ୍ଲାପାଳ ଓ ଏସ୍.ପିଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ଧାମନଗର ବ୍ଲକ୍‌ରେ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଏସ୍.ପି ବରୁଣ ଗୁ଼ୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୮୩ଟି ଅଭିଯୋଗର ଶୁଣାଣି କରିଛନ୍ତି । ସେଥିମଧ୍ୟରେ ୭୬ ଟି ବ୍ୟକ୍ତିଗତ ସମସ୍ୟା ଭି଼କ ଥିଲାବେଳେ ୭ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଥିଲା । ରେଡ୍‌କ୍ରସ ସମ୍ବନ୍ଧୀୟ ୨ଟି ଅଭିଯୋଗର ଶୁଣାଣି କରି ଜଣକୁ ୧୦ ହଜାର ଓ ଅନ୍ୟଜଣଙ୍କୁ ପା ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଧାମନଗର ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ମ୍ୟୁନିସିପାଲଟିର ଅଧ୍ୟକ୍ଷା ନିବେଦିତା ଜେନା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସନ୍ତୋଷ କୁମାର ପାତ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ସାମାଜିକ ସୁରକ୍ଷା ଯୋଜନାରେ ଦିବ୍ୟାଙ୍ଗ ମାନଙ୍କୁ ୧୫ଟି ତିନିଚକିଆ ସାଇକେଲ ଓ ୧ଟି ହ୍ୱିଲ ଚେୟାର ବ଼ନ କରାଯାଇଥିଲା । ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନରେ ସହଯୋଗ କରିଥିଲାବେଳେ ବି.ଡ଼ି.ଓ ବନ ବିହାରୀ ଦିଣ୍ଡା, ଏ.ବି.ଡ଼ି.ଓ ସର୍ମିଷ୍ଠା ମଲ୍ଲିକ୍ ଏହି ଶିବିର ପରିଚ଼ଳନାରେ ଆନୁସଙ୍ଗିକ ଦାୟିତ୍ୱ ନିର୍ବାହ କରିଥିଲେ ।

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ, ବାଲେଶ୍ୱର ମର୍ଣ୍ଣିଷ୍ଟାର

**ଭଦ୍ରକ, (ପିଏନ)-** ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ୍ ଚନ୍ଦ୍ରଭାନୁପୁର କ୍ରିକେଟ ପଡିଆରେ ୫ତମ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେ ର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ସୋମବାର ଉକ୍ଳିକା ବାସୁଦେବପୁର ଦଳ ସହ ବାଲେଶ୍ୱର ମର୍ଣ୍ଣିଂଷ୍ଟାର ଦଳ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଦଳ ଟସ ଜିଣି ପ୍ରଥମେ ବୋଲିଂ ନିଷ୍ପି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ବାସୁଦେବପୁର ଦଳ ନିର୍ଦ୍ଧାରିତ ୨୫ ଓଭରରେ ୨୩୮ ରନ ସ୍କୋର କରିଥିଲା । ଚନ୍ଦନ ଖଣ୍ଡେଲୱାଲ ୨୨ ବଲ ରୁ ୪୮ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଖଗେଶ ମିଶ୍ର ୫ ଓଭରରେ ୩୪ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ବାଲେଶ୍ୱର ଦଳ ୧୯.୫ ଓଭରରେ ୯ ଉଇକେଟ ହରାଇ ୨୪୦ ରନ କରି ବିଜୟୀ ହୋଇଥିଲା । ବାଲେଶ୍ୱର ପକ୍ଷରୁ ଦିବ୍ୟଶକ୍ତି ଚକ୍ରବର୍ତ୍ତି ୨୪ ବଲରେ ୪୭ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବୋଲର ଚନ୍ଦନ ଖଣ୍ଡେଲୱାଲ ୫ ଭରରେ ୩୨ ରନ ଦେଇ ୨ ଉଇକେଟ ହାସଲ କରିଥିଲେ । ଅମ୍ପାୟାର ଶରତ ଜେନା ଓ ରାମଚନ୍ଦ୍ର ଦାସ ମ୍ୟାଚ ପରିଚାଳନା କରିଥିଲେ । ଶୋଭନ ଶଙ୍ଖୁଆ ଓ ଦିବ୍ୟରଞ୍ଜନ ବେହେରା ସ୍କୋରର, ଜ୍ଞାନରଞ୍ଜନ ଘଡେଇ ଓ ପ୍ରଦୀପ ଜେନା ଭାଷ୍ୟକାର ଦାଇତ୍ୱ ତୁଲାଇଥିଲେ ।

# ବିଶ୍ୱ ପୁରୁଷ ହକି କପ୍ ଟ୍ରଫି-୨୦୨୩ ର ଜିଲ୍ଲା ପରିକ୍ରମା, ଉତ୍ସବ ମୁଖର ଭଦ୍ରକ ସହର

**ଭଦ୍ରକ, (ପିଏନ)-** ବିଶ୍ୱ ପୁରୁଷ ହକି କପ୍ ଟ୍ରଫି ର ଜିଲ୍ଲା ପରିକ୍ରମା କାର୍ଯ୍ୟସୂଚୀ ଅନୁଯାୟୀ ଗତକାଲି ସନ୍ଧ୍ୟାରେ ଟ୍ରଫି ଭଦ୍ରକରେ ପହ଼ଲାପରେ ଆଜି ୯ ତାରିଖ ସୋମବାର ଭଦ୍ରକ ଜିଲ୍ଲା ପରିକ୍ରମା ଓ ଭବ୍ୟ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳେ ଟ୍ରଫି ବାସୁଦେବପୁର ଗସ୍ତ ପରେ ଜିଲ୍ଲା ସଦର ମହକୁମାରେ ମିନି ମାରାଥନ୍ ଓ ସାଇକେଲ ର୍‍ୟାଲି ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି. ବରୁଣ ଗୁ଼ୁପାଲି, ସି.ଡ଼ି.ଓ. ପ୍ରତାପ ପ୍ରୀତୀମୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ୍ ମଲ୍ଲିକ୍, ଭଦ୍ରକ ମ୍ୟୁନିସିପାଲିଟି ଅଧ୍ୟକ୍ଷା ଗୁଲମକୀ ଦଲୱାଜି, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଏହି ମାରାଥନ୍ ରାଲିକୁ ଉଦ୍‌ଘାଟନ କରିବା ସହିତ ନିଜେ ସାଇକେଲ ଚଲାଇ ର୍‍ୟାଲିରେ ଅଂଶ ଗ୍ରହଣ କରିଥିଲେ । ଡି.ଇ.ଓ କପିଳେନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ୬୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଓ କଲେଜ ପିଲା ତଥା ଅନ୍ୟମାନେ ଏଥିରେ ଯୋଗଦେଇ ସରକାରୀ ବାଳିକା ହାଇସ୍କୁଲରୁ ଷ୍ଟାଡ଼ିୟମ୍ ପର୍ଯ୍ୟନ୍ତ ଯାଇଥିଲେ । ବାସୁଦେବପୁରରୁ ଟ୍ରଫି ଫେରିବାପରେ ଭଦ୍ରକ କଲେଜ ପରିସରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଟ୍ରଫି ଷ୍ଟାଡ଼ିୟମ ପହ଼ଲା ପରେ ୬ଟି ବ୍ୟାଣ୍ଡ ଦଳ ସହ ଲଉଡ଼ି ନୃତ୍ୟ ମାଧ୍ୟମରେ ମ ପାଖକୁ ପାଛୋଟି ନିଆଯାଇଥିଲା । ଜିଲ୍ଲାପାଳ, ଏସ୍.ପି.ଙ୍କ ସହିତ ସମସ୍ତ ପ୍ରଶାସନିକ ଅଧିକାରୀ ମାନଙ୍କ ସହ ବିଧାୟକ ବୃନ୍ଦ, ଅନ୍ୟ ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ମିଶନ ଶକ୍ତି, ଦିବ୍ୟାଙ୍ଗ, କିନ୍ନର, ଶିକ୍ଷକ ସଂଘ ଆଦି ମାନଙ୍କ ଦ୍ୱାରା ଟ୍ରଫିକୁ ସ୍ୱାଗତ କରାଯାଇଥିଲା । ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମଧ୍ୟ ଆସି ଏଥିରେ ସାମିଲ ହୋଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ତଦାରଖରେ ପରିଚ଼ଳିତ ଏହି କାର୍ଯ୍ୟକ୍ରମରେ ଡେପୁଟୀ କଲେକ୍ଟର କା଼କ ନାଥ ମଣ୍ଡଳ ଓ ଧାମନଗର କଲେଜ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ମ ପରିଚ଼ଳନା କରିଥିଲେ । ମ ରେ ସ୍କୁଲ ପିଲାଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ନୃତ୍ୟ, ଅର୍କେଷ୍ଟ୍ରା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଷ୍ଟାଡ଼ିୟମରୁ ଟ୍ରଫି କୁ ପଥ ଉତ୍ସବ ସ୍ଥଳୀକୁ ଅଣାଯାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଅର୍ପ ବିନ୍ଧା ଛକରୁ ମହତାବ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଆୟୋଜିତ ପଥ ଉତ୍ସବ "ୱାକ୍ ଆଟ୍ ଫେଷ୍ଟ"ରେ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ସହ ସିନିୟର ଓ ଜୁନିୟର ଗ୍ରୁପ୍‌ରେ ନୃତ୍ୟ, ମୁରୁଜ, ଝୋଟି, ସୁନ୍ଦର ବାଲୁକା କଳା, ଖାଦ୍ୟମେଳା, ପୁଷ୍ପ ପ୍ରଦର୍ଶନୀ, ଡଗ୍ ସୋ, ସ୍କେଟିଂ, ପେ଼ିଂ ଆଦି ବିଭିନ୍ନ ମନୋମୁଗ୍ଧକର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ପଥ ଉତ୍ସବରେ ରୋଟାରୀ କ୍ଲବ, ରୋଟାରୀ କ୍ଲବ ମିଡ୍ ଟାଉନ୍, ଲାୟନସ୍ କ୍ଲବ, ବରିଷ୍ଠ ନାଗରିକ ମହାସଂଘ ଦ୍ୱାରା ଟ୍ରଫିକୁ ଗ୍ରହଣ କରାଯାଇ ସ୍ୱାଗତ କରାଯାଇଥିଲା । ଜିଲ୍ଲାକୁ ଟ୍ରଫି ଗସ୍ତ କାର୍ଯ୍ୟକ୍ରମ ପାଇଁ ନୋଡ଼ାଲ ଅଧିକାରୀ ଥିବା ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ପଥୋଉତ୍ସବ ଆୟୋଜନ ତଦାରଖ କରିଥିଲେ । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତ଼୍ୱାବଧାନରେ ଏ ସମସ୍ତ କାର୍ଯ୍ୟକ୍ରମ ଖୁବ୍ ଶୃଙ୍ଖଳିତ ଓ ସୁନ୍ଦର ଭାବେ ଅନୁଷ୍ଠିତ ହୋଇଥିଲା । ବାସୁଦେବପୁରରେ ବି.ଡ଼ି.ଓ ସତ୍ୟଜିତ୍ ରାଉତଙ୍କ ତ଼୍ୱାବଧାନରେ ଆୟୋଜିତ ସ୍ୱାଗତ୍ ଉତ୍ସବରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉ ମ କୁମାର ବେହେରା ଓ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ପ୍ରମୁଖଙ୍କ ସହ ଅନ୍ୟମାନେ ଏଥିରେ ସାମିଲ୍ ଥିଲେ । ଭଦ୍ରକ କଲେଜରେ ଅଧ୍ୟକ୍ଷ ସୁବୋଧ ଚନ୍ଦ୍ର ମିଶ୍ରଙ୍କ ତ୍ୱାବଧାନରେ ଆୟୋଜିତ ସ୍ୱାଗତ ଉତ୍ସବରେ ଅଧ୍ୟକ୍ଷଙ୍କ ସହ କଲେଜର ଅନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ବିଦ୍ୟାର୍ଥୀମାନେ ସାମିଲ ଥିଲେ । ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅନୁପ କୁମାର ବେହେରା, ପୂର୍ବତନ ଭାରପ୍ରାପ୍ତ କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ନେଇ ଆନୁସଙ୍ଗିକ ଦାୟିତ୍ୱ ନିର୍ବାହ କରିଥିଲେ । ଭଦ୍ରକ ବି.ଡ଼ି.ଓ ସୀତାକାନ୍ତ ରାଉତ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଅତିରିକ୍ତ ସି.ଡ଼ି.ଓ. କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଜିଲ୍ଲାସ୍ତରୀୟ ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜିଲ୍ଲା ସ୍ତରୀୟ ସ୍ୱାଗତ ଉତ୍ସବରେ ଷ୍ଟାଡ଼ିୟମ୍ ଓ ପଥଉତ୍ସବ ଅ଼ଳ ଜନ ସମୁଦ୍ରରେ ପରିଣତ ହୋଇଥିଲା ।

## ରାଉରକେଲା ବିମାନ ବନ୍ଦରରେ ଗୁଳି ଧରାପଡିବା ମାମଲା

# ବିନା ଅନୁମତିରେ ୭ ରାଉଣ୍ଡ ଗୁଳି ବିମାନକୁ ଯାଉଥିଲା, ଅଭିଯୁକ୍ତକୁ ପୁଲିସ ପଚରା ଉଚରା କରି ଛାଡିଦେଲା

**ରାଉରକେଲା,(ପିଏନ)-** ରାଉରକେଲା ସହରରେ ନୂଆକରି ଆରମ୍ଭ ହୋଇଥିବା ବିମାନ ସେବା ର ୨ୟ ଦିନରେ ଜଣେ ବ୍ୟକ୍ତି ଗତକାଲି ସମସ୍ତ ଆଇନକୁ ବେଖାତିର କରି ଚୋରାରେ ୭ ରାଉଣ୍ଡ ଗୁଳି ଧରି ବିମାନକୁ ଯାଉଥିବା ବେଳେ ସେଠାରେ ଥିବା ସିକ୍ୟୁରିଟି ଅଧିକାରୀଙ୍କ ଦ୍ୱାରା ଧରା ପଡିଥିଲା । ଏହି ଘଟଣାରେ ରାଉରକେଲା ପୁଲିସ ସେହି ବ୍ୟକ୍ତିଙ୍କ ବିରୋଧରେ କୌଣସି ମାମଲା ରୁଜୁ ନକରି ତାଙ୍କୁ ଗିରଫ ନକରି କିଭଳି ଖାଲି ପଚରା ଉଚରା କରି ଛାଡି ଦେଲେ ଓ ଏହା ପଛର ରହସ୍ୟ କଣ କିଏ ସେହି ପ୍ରଭାବଶାଳି ବ୍ୟକ୍ତି, ତାଙ୍କର ପୃଷ୍ଠଭୂମୀ କଣ ତାକୁ ନେଇ ଏବେ ଜାଣିବା ଶୁଣିବା ମହଲରେ ଆଲୋଚନା ଯୋର ଧରିଛି । ଗତକାଲି ଖେଳାଳି ମାନଙ୍କୁ ଧରି ରାଉରକେଲା ଆସିଥିବା ୨ଟି ଚାର୍ଟାଡ ବିମାନରେ ଯାତ୍ରୀ ସେବା ରଖାଯାଇଥିବା ବେଳେ ଏୟାରପୋର୍ଟର କାଗଜପତ୍ର ଅନୁସାରେ ଖୋର୍ଦ୍ଧା ଅଂଚଳର ଜଣେ ବ୍ୟବସାୟୀଙ୍କ ବ୍ୟାଗ ତନଖି ବେଳେ ସେଥିରୁ ୭ ରାଉଣ୍ଡ ଅଫୁଟା ଗୁଳି ବାହାରିଥିଲା । ପରେ ସେଠାରେ ରାଉରକେଲା ପୁଲିସ ଦ୍ୱାରା ନିଯୁକ୍ତ ଥିବା ସୁରକ୍ଷା ଅଧିକାରୀ ନିକଟସ୍ଥ ଛେଣ୍ଡ ଥାନାରେ ସେହି ବ୍ୟକ୍ତିଙ୍କୁ ଜିମା ଦେବା ସହ ଏତଲା ମଧ୍ୟ ଦେଇଥିଲେ । ହେଲେ ଛେଣ୍ଡ ପୁଲିସ ତାଙ୍କୁ ପଚରା ଉଚରା କରି କେଉଁ ଆଇନ ବଳରେ ଛାଡି ଦେଲେ ତାକୁ ନେଇ ଏବେ ଉଠିଛି ପ୍ରଶ୍ନ । କାରଣ ନିୟମ ଅନୁଶାରେ, ଜଣେ ବ୍ୟକ୍ତି ଯଦି ନିଜର ଲାଇସେନ୍ସ ବଂଧୁକ କିମ୍ବା ଗୁଳି ନେଇ ବିମାନରେ ଜିବ ତେବେ ତାଙ୍କୁ ଏଥିଲାଗି ପୂର୍ବରୁ ଅନୁମତି ନେବା ଦରକାର, ସେହି ଅନୁମତି ସେହି ଏୟାରପୋର୍ଟରେ ମିଳେ ଯେଉଁଠି ମାରଣାସ୍ତ୍ର ନେବାଲାଗି ବିମାନରେ ବ୍ୟବସ୍ଥା ରହିଥାଏ ଅର୍ଥାତ ସେହିଭଳି ବିମାନ ଚାଲୁଥିବ ଯେଉଁଥିରେ ମାରଣାସ୍ତ୍ର ଲାଗି ଯାଗା ରହିଥିବ । କିନ୍ତୁ, ଗତକାଲି ରାଉରକେଲାରେ ଯାହା ଘଟିଛି ଯେଉଁ ବ୍ୟକ୍ତିଙ୍କ ପାଖରୁ ଗୁଳି ଜବତ ହୋଇଛି ତାଙ୍କ ପାଖରେ କୌଣସି ଅନୁମତି ନଥିଲା ବୋଲି ତାଙ୍କୁ ଥାନାରେ ଦିଆଗଲା ଏବଂ ଏଠାରେ ଚାଲିଥିବା ବିମାନ ଗୁଡିକରେ ମାରଣାସ୍ତ୍ର ନେବା ଲାଗି କୌଣସି ସୁବିଧା ନାହିଁ ବୋଲି ବିମାନ ସେବା ଦେଉଥିବା ସଂସ୍ଥାର ସର୍ବଭାରତୀୟ ସ୍ତରର ବରିଷ୍ଠ ଅଧିକାରୀ ଜଣାଇଛନ୍ତି । ଯଦି ମାରଣାସ୍ତ୍ର ନେବାଲାଗି ସୁବିଧା ନାହିଁ, ଅନୁମତି ମଧ୍ୟ ମିଳିବାର ସମ୍ଭାବନା ନାହିଁ, ତାଙ୍କର ଲାଇସେନ୍ସ ମଧ୍ୟ ସେ ଦେଖାଇପାରିନାହାନ୍ତି ତେବେ କେଉଁ ନିୟମ ଆଧାରରେ ରାଉରକେଲା ପୁଲିସ ଏଭଳି ଏକ ସଂଗୀନ ମାମଲାରେ ସେ ବ୍ୟକ୍ତିଙ୍କୁ ଛାଡିଦେଲା ତାହା ଏବେ ସବୁ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏନେଇ ଛେଣ୍ଡ ପୁଲିସ କହିଛି, ସମ୍ପୃକ୍ତ ବ୍ୟକ୍ତିଙ୍କର ନାମ ବାସୁଦେବ ସ୍ୱାଇଁ । ସେ ରାଉରକେଲା ଝିରିପାଣି ଅଂଚଳର ବ୍ୟକ୍ତି । ତାଙ୍କର ରାଉରକେଲା ଇସ୍ପାତ କାରଖାନା ଭିତରେ ବ୍ୟବସାୟ ରହିଛି । ତାଙ୍କର ବଂଧୁକ ଲାଇସେନ୍ସ ମଧ୍ୟ ରହିଛି । ତେବେ ଏଭଳି ମାମଲାରେ ଆଇନ କଣ କହୁଛି ପଚରା ଯିବାରେ ସେ କହିଛନ୍ତି ଘଟଣା ସଂପର୍କରେ ତର୍ଜମା ଚାଲିଛି, ସମୟ ଅନୁଶାରେ ପଦକ୍ଷେପ ନିଆଜିବ । ଅନ୍ୟପକ୍ଷରେ ଏନେଇ ଅବସରପ୍ରାପ୍ତ ବରିଷ୍ଠ ପୁଲିସି ଅଧିକାରୀ ମାନେ କହିଛନ୍ତି, ଯଦି କୌଣସି ଅନୁମତି ନାହିଁ ତେବେ ଆଇନ ଅନୁଶାରେ ଆର୍ମସ ଆକ୍ଟ ଧାରା ୨୫ ଓ ୨୭ ଅନୁସାରେ ତାଙ୍କୁ ଗିରଫ କରାଜିବା କଥା ଛାଡିଦେଲେ କେମିତି ? ଏଠି ସମସ୍ତ ପକ୍ଷକୁ ବିଚାର କରାଜିବା ସହ ସେ ବ୍ୟକ୍ତି କିଏ, ପୁଲିସ ଗୋଟିଏ କଥା କହୁଥିବା ବେଳେ ତାଙ୍କର ଟିକେଟ ରେକର୍ଡ କହୁଛି ସେ ଖୋର୍ଦ୍ଧା ଅଂଚଳର, ଆଉକିଛି କହୁଛନ୍ତି ସେ ବଡବିଲ ଯୋଡା ଅଂଚଳର ଆଉ କିଏ କହୁଛି ମେଡିସିନ ବେପାରୀ । ତେବେ ବାସ୍ତବ ସତ୍ୟ କଣ, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଉରକେଲା ସହରକୁ ନିକଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆସି ଫେରିଛନ୍ତି, ରାଜ୍ୟର ବିଭିନ୍ନ କୋଣରୁ ବହୁ ନେତା ମଧ୍ୟ ଆସିଥିଲେ, ଆଗକୁ ବିଶ୍ୱ ହକି, ଏତିକି ବେଳେ ନୂଆ କରି ୨ ଦିନ ତଳେ ଆରମ୍ଭ ହୋଇଥିବା ବିମାନ ସେବା ଭିତରେ ଏଭଳି ଘଟଣା ପୁଣି ତାକୁ ପୁଲିସ ପଚାରି ଦେଇ ଛାଡି ଦେବା କେତେ ଦୂର ଯକ୍ତି ଯୁକ୍ତ ।


## ଭଦ୍ରକ ସିନିଅର୍ ଇ଼ା କ୍ଲବ୍ କ୍ରିକେଟ୍ ଉଦ୍‌ଯାପିତ

# ଜେ.ସି.ସି. କୁ ପରାସ୍ତ କରି ପୂର୍ବତଟ ରେଳପଥ ଚମ୍ପିୟନ୍

**ଭଦ୍ରକ, (ପିଏନ)-** ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଭଦ୍ରକ ଜିଲ୍ଲା ସିନିଅର୍ ପୁରୁଷ ଇ଼ା କ୍ଲବ୍ କ୍ରିକେଟ୍‌ର ଫାଇନାଲ୍ ମ୍ୟାଚ୍ ରେଳବାଇ କ୍ରିଡ଼ାଙ୍ଗନରେ ଅନୁଷ୍ଠିତ ହୋଇଯାଇଛି । ଏକ ପ୍ରତିଦ୍ୱନ୍ଦିତାମୂଳକ ଫାଇନାଲ୍ ମ୍ୟାଚ୍‌ରେ ଭଦ୍ରକର ପୂର୍ବତଟ ରେଳପଥ ୨ ୱିକେଟ୍‌ରେ ଜଗନ୍ନାଥପୁର କ୍ରିକେଟ୍ କ୍ଲବ୍‌କୁ ପରାସ୍ତ କରି ଚମ୍ପିୟନ୍ ଆସନ ଅଧିକାର କରିଛି । ପୂର୍ବତଟ ରେଳପଥ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବା ପାଇଁ ଜେ.ସି.ସି. କୁ ଆହ୍ୱାନ କରିଥିଲା । ଜେ.ସି.ସି. ୩୪.୩ ଓଭର୍ ଖେଳି ୨୬୬ ରନ୍ ସଂଗ୍ରହ କରିଥିଲା । ଦଳ ତରଫରୁ କ୍ଷମାସାଗର ବଳ ୧୧୭ ରନ୍ ସଂଗ୍ରହ କରିଥିବା ବେଳେ, ଧୀରଜ ବେହେରା ୪୬ ରନ୍ ଓ ସତ୍ୟକାମ ଭରଦ୍ୱାଜ ୩୬ ରନ୍ ସଂଗ୍ରହ କରିଥିଲେ । ପୂର୍ବତଟ ରେଳପଥ ତରଫରୁ ହରେକୃଷ୍ଣ ବାରିକ ଚମତ୍କାର ବୋଲିଂ ପ୍ରଦର୍ଶନ କରି ୪ଟି ୱିକେଟ୍, ନିହାର ଭୂୟାଁ ୨ଟି ଓ ହର୍ଷିତ୍ ରାଠୋଡ଼୍, ଅମ୍ରିତ୍ ଉପାଧ୍ୟାୟ, ଅବିନାଶ ସିଂ ଓ ଆଶୁତୋଷ ସାମଲ୍ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଜିଣିବା ପାଇଁ ୨୬୭ ରନ୍‌ର ବିଶାଳ ଲକ୍ଷ୍ୟକୁ ପୂର୍ବତଟ ରେଳପଥର ବ୍ୟାଟ୍‌ସ୍‌ମ୍ୟାନ୍‌ମାନେ କ୍ରମାନ୍ୱୟ ୱିକେଟ୍ ପତନ ସ଼େ଼ ଅକ୍ଲେଶରେ ସଂଗ୍ରହ କରିନେଇଥିଲେ । ଦଳ ପାଇଁ ପ୍ରଦୀପ ତିଆଡ଼ି ୮୯ ରନ୍, ହର୍ଷିତ୍ ରାଠୋଡ଼୍ ୫୩ ରନ୍, ଅବିନାଶ ସିଂ ୩୬, ଆଶୁତୋଷ ସାମଲ୍ ୨୩, ଚିରଞ୍ଜୀବ ବେହେରା ୧୫ ଓ ସୂର୍ଯ୍ୟ ମହାପାତ୍ର ୧୨ ରନ୍ ସଂଗ୍ରହ କରିଥିଲେ । ଜେ.ସି.ସି. ତରଫରୁ ବୋଲିଂ କରି ସତ୍ୟକାମ ଭରଦ୍ୱାଜ ଓ କ୍ଷମାସାଗର ବଳ ୨ଟି ଲେଖାଏଁ ୱିକେଟ୍, କ୍ଷୀତିଶ ମହାନ୍ତି, ସିଦ୍ଧାର୍ଥ ଦାସ ଓ ଅନିଲ୍ ଉପାଧ୍ୟାୟ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଅମ୍ପାୟର୍ ରୂପେ ରଂଜନ ମହାନ୍ତି ଓ ଦେବବ୍ରତ ଦାଶ ଖେଳ ପରିଚାଳନା କରିଥିବାବେଳେ ସ୍କୋରର୍ ଥିଲେ ନିର୍ଣ୍ଣେକ ଘୋଷ ଓ ସସ୍ମିତା ସାହୁ । ମ୍ୟାଚ୍ ପରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ଭଦ୍ରକର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କ୍ରିକେଟ୍ ସମେତ ସମସ୍ତ ପ୍ରକାର କ୍ରୀଡ଼ାର ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ସବୁ ପ୍ରକାର ସହଯୋଗ କରିବ ବୋଲି ପ୍ରତିଶୃତି ଦେଇଥିଲେ । ଆସୋସିଏସନ୍‌ର ସଭାପତି ଉପେନ୍ଦ୍ର କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସଂପାଦକ ଧୀରେନ ପଲାଇ କ୍ରିକେଟ୍ ବିବରଣୀ ଉପସ୍ଥାପନ କରିଥିଲେ । ଶ୍ରୀ ପଲାଇ ନିଜ ବକ୍ତବ୍ୟରେ ଓଡ଼ିଶା କ୍ରିକେଟ୍‌ରେ ନବଜାତକ ଭଦ୍ରକ ସମ୍ମାନଜନକ ଡ଼ାଇମଣ୍ଡ୍ ର୍‍ୟାଙ୍କ୍‌ରେ ପହ଼ଁଚିପାରିଥିବାରୁ ଜିଲ୍ଲାର ସମସ୍ତ କ୍ରିକେଟର୍ ଓ କ୍ରିକେଟ୍ କ୍ଲବ୍‌ମାନଙ୍କୁ ପ୍ରଶଂସା କରିଥିଲେ । ଅନ୍ତିମ କାର୍ଯ୍ୟକ୍ରମ କ୍ରମେ ପ୍ରାଧ୍ୟାପକ ବିଜୟ କୁମାର ଜେନାଙ୍କ ସଂଚାଳନରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ପୂର୍ବତଟ ରେଳପଥକୁ ଚମ୍ପିୟନ୍ ଟ୍ରଫି, ଜେ.ସି.ସି.କୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯିବା ସହ ହର୍ଷିତ ରାଠୋଡ୍‌କୁ 'ମ୍ୟାନ୍ ଅଫ୍ ଦି ଫାଇନାଲ୍ ମ୍ୟାଚ୍' ଓ କ୍ଷମାସାଗର ବଳଙ୍କୁ 'ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେ଼' ରୂପେ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଆସୋସିଏସନ୍‌ର ଦୁଇ ଜଣ ବରିଷ୍ଠ ସଦସ୍ୟ ଆଇନଜୀବୀ ଯତିକାନ୍ତ ନାୟକ, ଶ୍ରମିକ ନେତା ଲକ୍ଷ୍ମୀଧର ଜେନା ତଥା ଜିଲ୍ଲାର ତିନିଜଣ ପୂର୍ବତନ କ୍ରିକେଟର୍ ମଦନଲାଲ୍ ଗୁପ୍ତା, ବୈଷ୍ଣବ ଚରଣ ମହାନ୍ତି ଓ ସୌମଭ୍ ଦେ'ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିପରି ନିଜର ବ୍ୟକ୍ତିଗତ ପ୍ରଦର୍ଶନ ଭି଼ରେ ଓଡ଼ିଶା ଅଣ୍ଡର୍-୨୫ ଟିମ୍‌ରେ ସ୍ଥାନ ପାଇଥିବା ହର୍ଷିତ ରାଠୋଡ୍ ଓ ସତ୍ୟକାମ ଭରଦ୍ୱାଜ, ସି.କେ.ନାୟୁଡୁ ଟିମ୍‌ରେ ସ୍ଥାନିତ କିଶନ୍ ମନୋହର ମହାନ୍ତି, କୁଚ୍‌ବେହାର୍ ଟିମ୍‌ରେ ସ୍ଥାନିତ ଚିରଞ୍ଜୀବ ବେହେରା, ଓଡ଼ିଶା ଅଣ୍ଡର୍-୧୯ ମହିଳା ଦଳରେ ସ୍ଥାନିତ ପୂଜା ରାଣୀ ଦାସ ଓ ଅଣ୍ଡର୍-୧୫ ବାଳିକା ଦଳରେ ସ୍ଥାନିତ ସୁନିତା ଦାସଙ୍କୁ ସମ୍ମାନିତ କରାଯିବା ସହ ଓଡ଼ିଶା ଜୁନିୟର ଟିମ୍ ପାଇଁ କୋଚ୍ ରୂପେ ନିଯୁକ୍ତ କେ.ଭି.ପ୍ରସାଦ ଓ ଟିମ୍ ଓଡ଼ିଶାର ଟ୍ରେନର୍ ରୂପେ ନିଯୁକ୍ତ ପୂର୍ଣ୍ଣେନ୍ଦୁ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ପୂର୍ବତନ ବିଧାୟକ ନରେନ ପଲାଇ, ଉପସଭାପତି ଭବତୋଷ ଦାସ ଓ ନୀଳଶୈଳ ନାୟକ, ଯୁଗ୍ମସଂପାଦକ ଦିଲ୍ଲୀପ ନାୟକ ଓ ନୀଳମାଧବ ଦାସ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ଓଡ଼ିଶା ବାର୍ କାଉନ୍‌ସିଲ୍ ସଦସ୍ୟ ପବନ ଶର୍ମା, ହ୍ୟାପିହୋମ୍‌ର କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ଓଝା, ଆସୋସିଏସନ୍ ସଦସ୍ୟ ପାର୍ଥ ସାରଥୀ ରାୟ, ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ବିଜୟ ଲଖାନୀ, ଅତିସ୍ ବେହେରା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ତୁଷାରକାନ୍ତ ଦାସ, ସଂଜୀବ ଦାସ, ସୁଦାମ ନାୟକ, ସୁଶୀଲ ପଟ୍ଟନାୟକ, ଯଦୁନାଥ ସ୍ୱାଇଁ, ଗୌରାଙ୍ଗ ମହାପାତ୍ର, ନୁର୍ ମହମ୍ମଦ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଶୋଷଣହୀନ ସମାଜ ପାଇଁ ଯୁବପିଢ଼ୀ ଆଗେଇ ଆସନ୍ତୁ, ଭଦ୍ରକ ସାଂସ୍କୃତିକ ମହୋତ୍ସବର ୭ମ ସଂଧ୍ୟା

ଭଦ୍ରକ,(ପିଏନ)- ଐତିହାସିକ ଗାନ୍ଧୀ ପଡ଼ିଆ ଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୭ମ ସଂଧ୍ୟାର ବୌଦ୍ଧିକ ଅଧିବେଶନ କମିଟିର ସଭାପତି ରବି ନାରାୟଣ ଖିଲାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସିପିଆଇ ଏମ ନେତା ଚନ୍ଦ୍ରଶେଖର ନାୟକ ଯୋଗଦେଇ ଏକ ଶୋଷଣହୀନ ସମାଜ ଗଠନ ଦିଗରେ ଯୁବପିଢ଼ୀ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଏହାବ୍ୟତୀତ ବ଼ର୍ମାନ ସମୟରେ ଯେଉଁ ଘରୋଇକରଣର ପ୍ରକ୍ରିୟା ଆରମ୍ଭ ହୋଇଛି ତାହା ବେକାରୀ ସମସ୍ୟା ବୃଦ୍ଧି କରିବ ବୋଲି ସେ ଚେତାଇ ଦେଇଥିଲେ । ତେଣୁ ଶାସନ ଗାଦିକୁ ଆସୁଥିବା ରାଜନୈତକି ଦଳମାନେ ବାସ୍ତବବାଦୀ ହେବା ଉଚିତ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସାଂସ୍କୃତିକ ଆନ୍ଦୋଳନ ଆମ ଦେଶକୁ ନୂତନ ପରିଚୟର ଅଧିକାରୀ କରାଇ ପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପ୍ର. କମଳାକାନ୍ତ ସ୍ୱାଇଁ, ଯୁବ ଦଳିତ ନେତା ରାଜେନ୍ଦ୍ର ଜେନା ଯୋଗଦେଇ ଯୁବପିଢ଼ୀଙ୍କ ପାଇଁ ବହୁ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଜଗବନ୍ଧୁ ବେହେରା ସ୍ୱାଗତ ଭାଷଣ, ଅଧ୍ୟାପକ ନିହାର ରଂଜନ କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ମନୋରମା ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଶେଷରେ ସ୍ଥାନୀୟ ନାଟ୍ୟ ସଂସ୍ଥାମାନଙ୍କ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା । କମିଟିର ସମ୍ପାଦକ ଆଶିଶ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ଆବାହକ ଅବିନାଶ ପଣ୍ଡା, କ୍ଷିତିଶ ସାମନ୍ତ ବେହେରା, ଅପୂର୍ବ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ମାୟାଧର ନାୟକ ଗିରଫ ଓ ଜାମିନ୍‌ରେ ଖଲାସ୍



ବ୍ୟାସନଗର (ପିଏନ୍) : ବିଶିଷ୍ଟ ଶ୍ରମିକନେତା ମାୟାଧର ନାୟକ ଗତ ୯ ତାରିଖରେ ସୁକିନ୍ଦା ଗ୍ରାମ୍ୟ କୋର୍ଟରେ ହାଜର ହେଲାବେଳେ ଗିରଫ ହୋଇ ହାଜତ୍‌ରେ ୩ ଘଣ୍ଟା ରହିଲା ପରେ ଅପରାହ୍ନ ୫ଟା ବେଳେ ଜାମିନ୍‌ରେ ଖଲାସ ହୋଇଛନ୍ତି । ୧୯୯୨ ମସିହା ରାଜ୍ୟ ପଞ୍ଚାୟତ ନିର୍ବାଚନ ସମୟରେ କୁହିକା ପଞ୍ଚାୟତରେ ଏସ୍.ୟୁ.ସି.ଆଇ. ପକ୍ଷରୁ ସରପଞ୍ଚ ବସନ୍ତ କୁମାର ନାୟକ, ସମିତି ସଭ୍ୟ ରାଜକିଶୋର ବାରିକ୍ ଓ ବିଭିନ୍ନ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ପ୍ରାର୍ଥୀ ଦିଆଯାଇଥିଲା । ସେତେବେଳେ ଜନତା ଦଳ, କଂଗ୍ରେସ, ଏସ୍.ୟୁ.ସି.ଆଇ. ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲୁଥିଲା । କୁହିକା ପଞ୍ଚାୟତ ଯେହେତୁ ସୁକିନ୍ଦା ଖଣି ଅଞ୍ଚଳର ମୁଖଶାଳା ସେଠି ସରପଞ୍ଚ, ସମିତି ସଭ୍ୟକୁ ନ ଜିତାଇ ଦେବାପାଇଁ ଭୋଟ୍ ଦିନ ପୋଲିସ୍, ସୁକିନ୍ଦା ତହସିଲଦାର ବି.ବି. ରାଉତରାୟ ଓ ସଶସ୍ତ୍ର ପୋଲିସ୍ ବାହିନୀଙ୍କ ଉପସ୍ଥିତିରେ ଜନତା ଦଳ ଗୁଣ୍ଡାବାହିନୀ ବୁଥ୍ ଦଖଲ କଲେ । ଏସ.ୟୁ.ସି.ଆଇ. ପକ୍ଷରୁ ବାଧା ଦିଆଗଲାବେଳେ ଗଣ୍ଡଗୋଳ ସୃଷ୍ଟି ହେଲା । ପୋଲିସ୍ ଫାଙ୍କା ଗୁଳିଚାଳନା କଲେ ଏବଂ ଏସ୍.ୟୁ.ସି.ଆଇ. ନେତା କର୍ମୀମାନଙ୍କୁ ଗୋଡାଇ ଗୋଡାଇ ବାଡେଇଲେ । ଫଳରେ ସେତେବେଳର ଏସ୍.ୟୁ.ସି.ଆଇ. ନେତା ବିଳାସ କୁମାର ବେହୁରାଙ୍କୁ ପ୍ରବଳ ମାଡମାରି ରକ୍ତାକ୍ତ କରି ଛୋଟା କରିଦେଲେ । ଏହି ଖବର ପାଇ ମାୟାଧର ନାୟକ ବିଳାସ କୁମାର ବେହୁରାଙ୍କୁ ସୁକିନ୍ଦାଗଡକୁ ଆଣି ଚିକିତ୍ସା କରାଇଲେ । ସେତେବେଳେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର୍ ଉପସ୍ଥିତ ନଥିବା ମାୟାଧର ନାୟକଙ୍କ ସମେତ ୧୬ ଜଣଙ୍କ ନାଁରେ ସୁକିନ୍ଦା ଥାନାରେ ଏତଲା ଦେଲେ । ଥାନା ଅଫିସର ସଂଗୀନ୍ ଦଫାରେ ସମସ୍ତଙ୍କ ନାଁରେ କେସ୍ କୋର୍ଟରେ ରୁଜୁ କଲେ । ଇତିମଧ୍ୟରେ ୩୧ ବର୍ଷ ବିତିଗଲାଣି । ଜଣେ ଅଭିଯୁକ୍ତ ପିମ୍ପୁଡିଆ ଗ୍ରାମର ଉପେନ୍ଦ୍ର ମହାନ୍ତଙ୍କର ମୃତ୍ୟୁ ହୋଇଗଲାଣି । ଏବେ ସୁକିନ୍ଦା କୋର୍ଟରୁ ଫାଇଲ୍ ଖୋଳତାଡ କରି ୧୯୯୨ ମସିହା ନିର୍ବାଚନ ମଣ୍ଡଳୀର କେସ୍‌କୁ ବାହାର କଲେ । ସେହି ୧୬ ଜଣଙ୍କ ମଧ୍ୟରୁ ପ୍ରାଣକୃଷ୍ଣ ମହନ୍ତଙ୍କୁ ଗିରଫ କରି ୫ ଦିନ ରଗଡି ଜେଲ୍‌ରେ ରଖିଲେ । ଅନ୍ୟମାନଙ୍କ ନାଁରେ ୱାରେଣ୍ଟ୍ ଜାରି ହୋଇଗଲା । ଗତ ୯ ତାରିଖରେ ମାୟାଧର ନାୟକଙ୍କ ସମେତ ବିଳାସ ବେହୁରା, ରାଜକିଶୋର ବାରିକ୍, ପରେଶ ମହନ୍ତ, ଶ୍ରୀକାନ୍ତ ନାୟକ ପ୍ରମୁଖ ବିଭିନ୍ନ ଗାଁର ପାଖାପାଖି ୧୫ ଜଣ ସୁକିନ୍ଦା କୋର୍ଟରେ ସରେଣ୍ଡର୍ ହେଲେ । ସୁଶ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର ଜଜ୍ ମହାଶୟା ଅଭିଯୁକ୍ତ ଅପରାଧୀମାନଙ୍କୁ ଜେରା କରି କୋର୍ଟ ହାଜତକୁ ପଠାଇଲେ । ପ୍ରାୟ ଅପରାହ୍ନ ୫ଟା ବେଳେ ସମସ୍ତ ଅଭିଯୁକ୍ତମାନଙ୍କୁ ଜାମିନ୍‌ରେ ଖଲାସ୍ କରିଦେଲେ । ଏହି କେସ୍ ବରିଷ୍ଠ ଆଡ୍‌ଭୋକେଟ୍ ସୁଧାଂଶୁ ଦାସ, ଆଡ୍‌ଭୋକେଟ୍ ଗୌରାଙ୍ଗ ଚରଣ ନାୟକ ଲଢୁଥିଲେ ।

ଶ୍ରୀ ନାୟକ କହିଛନ୍ତି – କଲରଙ୍ଗୀ ଖଣି ଶ୍ରମିକଙ୍କ ବକେୟା ପାଉଣା ୫୦ କୋଟି ଟଙ୍କା ଦାବିକରି ବ୍ରହ୍ମାସ୍ତ୍ର ଛାଡିବାର ଘୋଷଣା ବ୍ୟାପକ ଭାବେ ସୁକିନ୍ଦା ଖଣି ଅଞ୍ଚଳ, କଳିଙ୍ଗନଗର କାରଖାନା ଅଞ୍ଚଳ ଏପରିକି ସାରା ଓଡିଶାର କଳକାରଖାନା, ଖଣିଖାଦାନ, ଶିଳ୍ପାଞ୍ଚଳରେ ପ୍ରବଳ ଆଲୋଡନ ସୃଷ୍ଟି କରିଛି । ବର୍ଷ ବର୍ଷ ଧରି ଓଡିଶାର ଖଣିଖାଦାନ, କଳକାରଖାନା, ଶିଳ୍ପାଞ୍ଚଳର ନିର୍ଯାତିତ, ଶୋଷିତ ଶ୍ରମିକକର୍ମଚାରୀ ମାନଙ୍କ ମଧ୍ୟରେ ନୂତନ ଆଶାର ଆଲୋକ ଜାଗରଣ ହୋଇଛି । ସବୁ ସ୍ଥାନରେ ଶ୍ରମିକକର୍ମଚାରୀମାନେ ସେମାନଙ୍କ ନ୍ୟାର୍ଯ୍ୟ, ଆଇନଗତ ଗଣତାନ୍ତ୍ରିକ ଅଧିକାର ଦାବି କରିବା ଆୱାଜ ଉଠାଇଲେଣି । ମାଲିକ, ନେତା ଓ ଅଫିସରମାନଙ୍କ ଅସାଧୁ ମେଣ୍ଟରେ ଓଡିଶାର ଶ୍ରମଜୀବୀ ଶ୍ରେଣୀର ହକ୍ ପ୍ରାପ୍ୟ ଲକ୍ଷ ଲକ୍ଷ କୋଟି ଟଙ୍କା ହଡପ୍ କରାଯାଇଛି । ଏଥିପାଇଁ ଅସାଧୁ ମେଣ୍ଟର ମୋ ଉପରେ ପ୍ରବଳ ରାଗ ରହିଥିବାବେଳେ ଶ୍ରମିକ କର୍ମଚାରୀମାନଙ୍କ ମଧ୍ୟରେ ଆଶାର ଆଲୋକ ଦେଖାଦେଇଛି । ତେଣୁ ରାଜନୈତିକ ପ୍ରତିହିଂସାପରାୟଣ ହୋଇ ଦୀର୍ଘ ୩୧ ବର୍ଷ ପରେ ମୋତେ ଗିରଫ କରିବା ଅଭିସନ୍ଧିରେ ଗତକାଲି ସୁକିନ୍ଦା କୋର୍ଟରେ ଏକ ନାଟକ ଚାଲିଥିଲା । ଯେତେ ଯାହା କଳକୌଶଳ କଲେ ବି ସୁକିନ୍ଦା ଅଞ୍ଚଳର ଖଣି ଶ୍ରମିକ, କଳିଙ୍ଗନଗରର କଳକାରଖାନା ଶ୍ରମିକ କର୍ମଚାରୀ ଓ ସାରା ଓଡିଶାର ଶ୍ରମଜୀବୀଙ୍କ ଗଣତାନ୍ତ୍ରିକ, ସାମ୍ବିଧାନିକ ଓ ଆଇନ୍‌ଗତ ହକ୍ ପ୍ରାପ୍ୟ ଲକ୍ଷ ଲକ୍ଷ କୋଟି ଟଙ୍କା ଯାହା ଏପର୍ଯ୍ୟନ୍ତ ବାକି ପଡିଛି ତାକୁ ଦେବାକୁ ହେବ ହିଁ ହେବ । ଆଜି ଶ୍ରମଜୀବୀ ଶ୍ରେଣୀ, ମେହନତୀ ଜନଗଣ ମୁଣ୍ଡରେ ହାତଦେଇ ବସିବାର ବେଳ ନୁହେଁ – ଅଧିକାର ଛିଣ୍ଡାଇ ଆଣିବାର ସମୟ ଆସିଯାଇଛି ।

# ଜାରକାରେ ବିଜେଡିର ପ୍ରତିଷ୍ଠା ଦିବସ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ବିଜେଡିର ୨୫ତମ ପୂର୍ତ୍ତି ଓ ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ବିରାଟ ସମାବେଶରେ ସଭାପତିତ୍ୱ କରି ବିଧାୟକ ପ୍ରଣବ କୁମାର ବଳବନ୍ତରାୟ କହିଥଲେ, ବିଜେଡ଼ି କଥା ନୁହେଁ, କାମରେ ବିଶ୍ୱାସ କରେ । କଠିନ ପରିଶ୍ରମର ବିକଳ୍ପ ନାହିଁ । ଗାଁ ଲୋକଙ୍କ ସେବା କରିବା ଓ ଏହାକୁ ଆହୁରି ଗୁରୁତ୍ୱ ଦେବାପାଇଁ ସେ ପରାମର୍ଶ ଦେଇଥିଲେ । ବିଜେଡ଼ିର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କହିଥିଲେ, ଦଳକୁ ମାତ୍ର ୨୫ ବର୍ଷ । ଯୁବକ ଆରମ୍ଭ । ଆଗାମୀ ୧୦୦ବର୍ଷ ପାଇଁ ପ୍ରତିଷ୍ଠା କରିବାକୁ ଏହି ଧର୍ମଶାଳାରୁ ଯାତ୍ରା ଆରମ୍ଭ ହେଉ । କର୍ମୀମାନେ ମୋ ଭଗବାନ । ସେମାନଙ୍କ କାନ୍ଧରେ ଦଳ ଠିଆ ହୋଇଛି । ଅସହାୟଙ୍କ ପାଖରେ ପହଁଚିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା କାହାର ନାଁ ନନେଇ କେନ୍ଦ୍ର ସରକାର ଓ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ପ୍ରବଳ ବର୍ଷିଥିଲେ । ଆମେ ଲଢ଼େଇ କରିବୁ । ଆଗାମୀ ଦିନରେ ଯେଉଁ ଲଢ଼େଇ ହେବ ଆମେ ଅଲବତ୍ ଜିତିବୁ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସାମ୍ବାଦିକ ସମ୍ମିଳନୀ କରି ଯେତେ ଡେଙ୍ଗୁରା ବଜେଇ କହିଲେ ବି ଲୋକେ ଜାଣିଛନ୍ତି ନବୀନ ପଟ୍ଟନାୟକ ଚାଉଳ ଦେଉଥିଲେ । ଖାଦ୍ୟ ସୁରକ୍ଷା ଯୋଜନାରେ ଖାଲି ରାଜ୍ୟ ନୁହେଁ, ଅନେକ ରାଷ୍ଟ୍ର ପାଇଁ ଓଡ଼ିଶା ରୋଲ୍ ମଡ଼େଲ୍ ହୋଇପାରିଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ । ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ଧର୍ମଶାଳାକୁ ପ୍ରଗତିର ମୁଖଶାଳା ବୋଲି କହିଥିଲେ । ବିଜେଡ଼ି କଥା ଦିଏ, କଥା ରଖେ । ତା' ଉପରେ ଲୋକଙ୍କର ବିଶ୍ୱାସ ବଢ଼ିଛି । ଭରସା ରହିଛି । ଆମ ମୁଖ୍ୟମନ୍ତ୍ରୀ ନିର୍ବାଚନ ଇସ୍ତାହାରକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତି । ବିଜେପି ଲୋକଙ୍କ ହୃଦୟରେ ନାହିଁ । ଯେତେ କଥା କହିଛି କୌଣସି ଗୋଟିଏ କଥା ରଖିନାହିଁ ବୋଲି ଡ. ସାହୁ କହିଥିଲେ । ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ ସଶକ୍ତିକରଣ ହୋଇ ପାରିଛନ୍ତି ବୋଲି ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ମତବ୍ୟକ୍ତ କରିଥିଲେ । ପୂର୍ବତନ ସାଂସଦ ରୀତା ତରାଇ ବିଜେଡ଼ି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥିମାନେ ଆସିବା ପୂର୍ବରୁ ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ବରିଷ୍ଠ ବିଜେଡ଼ି ନେତା ଡ. ପ୍ରିୟନାଥ ମହାପାତ୍ର, ସନ୍ତୋଷ କୁମାର ଜେନା, ଦୁଃଶାସନ ସାହୁ, ଉତ୍କଳମଣି ଦାସ, ମୋଇଉଦ୍ଦିନ ମହମ୍ମଦ, ଅମୀୟ ପରିଡ଼ା, କ୍ଷିତୀଶ୍ ନାୟକ, ଜଗଦାନନ୍ଦ ରାଉତ, ରେଣୁବାଳା ଶତପଥୀ, ବିଶ୍ୱବନ୍ଦନା ଜେନା, ସ୍ମୃତିରେଖା ବେହେରା, ପ୍ରଣତି ଲେଙ୍କା ଓ କ୍ଷୀରାବ୍ଧି ତନୟା ମଲିକ ବକ୍ତବ୍ୟ ରଖିଥିଲେ । ଯୁବନେତା ଅକ୍ଷୟ କୁମାର ନାୟକ, ନିର୍ମଳ ପ୍ରଧାନ, ବିକାଶ ରଂଜନ ବେହେରା, ପ୍ରଫୁଲ୍ଲ ସାହାଣି, ମନୋଜ ଦାସ, ମାନସ ମହାନ୍ତି, ପ୍ରତାପ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ଅଂଶୁମାନ ଟ୍ରଷ୍ଟର ମାଗଣା ସ୍ୱାସ୍ଥ୍ୟସେବା ଶିବିର




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ଗାଁ ପଡ଼ିଆରେ ଜାରକାର ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଶିବିରକୁ ଉଦ୍‌ଘାଟନ କରିଥିଲେ । ଯାଜପୁରର ପୂର୍ବତନ ସିଡ଼ିଏମ୍‌ଓ ଡ. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ସମାଜସେବୀ ମେଘନା ମିଶ୍ର, ଡ. ନିହାର ରଂଜନ କର, ଡ. ପ୍ରତ୍ୟୁଷ ମହାରଣା ଓ ଡ. ରୋଜାଲିନ୍ ପାଟଶାଣୀ ମିଶ୍ର, ଯୁବସଂଗଠକ ଆଲୋକ ଜେନାସାମନ୍ତ ଓ ମିର୍ଜାପୁର ସରପଂଚ ପ୍ରଶାନ୍ତ କୁମାର ଦାସ ଅତିଥିଭାବେ ଯୋଗ ଦେଇ ଅଂଶୁମାନ ଟ୍ରଷ୍ଟର ବିଭିନ୍ନ ସମାଜସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଦେବରାଜ ମିଶ୍ର ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ, ବ୍ରହ୍ମାନନ୍ଦ ନାୟକ, ରମେଶ ଚନ୍ଦ୍ର କୁଣ୍ଡୁ ଓ ରସାନନ୍ଦ ମଲ୍ଲଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଭୁବନେଶ୍ୱରର ହାଇଟେକ୍ ମେଡ଼ିକାଲ୍ ଓ ଉତ୍କଳ ହସ୍ପିଟାଲର ବିଶେଷଜ୍ଞ ଡାକ୍ତର, କଳିଙ୍ଗ ଦାନ୍ତ ଡାକ୍ତରଖାନା ଏବଂ ଜେପିଏମ୍ ରୋଟାରି ଆଖି ହସପିଟାଲ୍‌ର ଡାକ୍ତରମାନେ ଶିବିରରେ ଯୋଗଦେଇ ପ୍ରାୟ ୫ ହଜାର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପରେ ରୋଗୀମାନଙ୍କୁ ଟ୍ରଷ୍ଟ ପକ୍ଷରୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ଟ୍ରଷ୍ଟର ସଦସ୍ୟ ରାଜେଶ ପାଳ, ଜିତେନ୍ଦ୍ର ରାଉତ, ରମ୍ୟରଂଜନ ସ୍ୱାଇଁ, ତପନ କୁମାର ନାଥ, ସୁଧୀର ବେହେରା ପ୍ରଭୃତି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ସରକାରଙ୍କ ଆଡ଼ନଜରରେ ପ୍ରାଚୀନ ଶ୍ୟାମସୁନ୍ଦର ମନ୍ଦିର



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ରହିଛି ୮ଶହ ବର୍ଷର ପ୍ରାଚୀନ ଶ୍ୟାମସୁନ୍ଦର ମନ୍ଦିର । ଯେଉଁଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ୟାମସୁନ୍ଦରଙ୍କ ନାମରେ ପୂଜା ପାଆନ୍ତି । ଏଠାରେ ପୁରୀ ଜଗନ୍ନାଥ ମନ୍ଦିର ଭଳି ସମସ୍ତ ରୀତିନୀତି ସମ୍ପନ୍ନ ହୋଇଥାଏ । ହେଲେ ମନ୍ଦିର ପ୍ରତିଷ୍ଠା ଦିନରୁ ଏପର୍ଯ୍ୟ' କେବେ ରଥଯାତ୍ରା ହୋଇ ନାହିଁ । ବଉଳମାଳିଆ ପଥର ଉପରେ ଦେଉଳ ନିର୍ମିତ ହୋଇଛି । ମନ୍ଦିରର ଉଚ୍ଚତା ପ୍ରାୟ ୩୫ଫୁଟ୍ ଓ ପ୍ରସ୍ଥ ୨୫ ଫୁଟ୍ ରହିଛି । ମନ୍ଦିରର ଗର୍ଭଗୃହ, ଭୋଗ ମଣ୍ଡପ, ନାଟ ମଣ୍ଡପ ଓ ସିଂହଦ୍ୱାର ଚାରି ଭାଗରେ ବିଭକ୍ତ । ପାର୍ଶ୍ୱ ଦେବତା ଭାବେ ବରାହ ବାମନ ଓ ପ୍ରଭୁ ନୃସିଂହ ରହିଛନ୍ତି । ଚାରି ଦିଗରେ ଚାରୋଟି ଦ୍ୱାର ରହିଛି । ପୂର୍ବ ଦ୍ୱାର ବା ସିଂହଦ୍ୱାରରେ ଗଜସିଂହ, ଅରୁଣ ସ୍ତମ୍ଭ, ତୁଳସୀ ଚଉଁରା, ଉତ୍ତର ପାର୍ଶ୍ୱରେ ଚନ୍ଦନ ପୁଷ୍କରିଣୀ, ଚନ୍ଦନ ବେଦୀ, ମହାଗ୍ରହ ଶନିଦେବ ଓ ଲକ୍ଷ୍ମୀନାରାୟଣଙ୍କ ମନ୍ଦିର ଅବସ୍ଥିତ । ଦକ୍ଷିଣ ପାର୍ଶ୍ୱରେ ଝୁଲଣ ମଣ୍ଡପ, ଦୋଳ ବେଦୀ, ଚନ୍ଦନ ଯାତ୍ରା ମଣ୍ଡପ ଓ ଗ୍ରାମ ଦେବତୀ ମା ତିମିରାଶୁଣୀ ରହିଛନ୍ତି । ପଶ୍ଚିମ ପାର୍ଶ୍ୱରେ ଶ୍ରୀ ଜୀଉଙ୍କ ସେବକ ନିଯୋଗ ବ୍ରାହ୍ମଣ ଶାସନ ଓ ମନ୍ଦିର ବେଢାର ମଧ୍ୟସ୍ଥଳରେ ସ୍ନାନ ମଣ୍ଡପ ରହିଛି । ଶିଳ୍ପକଳା ଦୃଷ୍ଟିରୁ ମନ୍ଦିରର ଶୋଭା ଅତି ସୁନ୍ଦର । ଗର୍ଭଗୃହର ରତ୍ନ ସିଂହାସନରେ ପୂଜା ପାଉଛନ୍ତି ପ୍ରଭୁ ଶ୍ରୀ ଶ୍ୟାମସୁନ୍ଦର । ସେବକମାନେ ପ୍ରତିଦିନ ମହାପ୍ରଭୁଙ୍କୁ ତୁଳସୀ ମାଳ, ପଦ୍ମଫୁଲ ଓ ବଡସିଂହାର ବେଶରେ ସଜାଇ ଥାଆନ୍ତି । ସେମାନଙ୍କ ପ୍ରତି ମହାପ୍ରଭୁଙ୍କ ଅପାର କରୁଣା ରହିଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଖଣ୍ଡ ବିଶ୍ୱାସ ରହିଛି । ପ୍ରଭୁଙ୍କ ନିକଟରେ ମାନସିକ କରି ଗୁଆଟିଏ ବସାଇ ଦେଲେ ସବୁ ମନସ୍କାମନା ପୂରଣ ହୋଇଥାଏ । ନିକଟରେ ଥିବା ଚନ୍ଦନ ପୁଷ୍କରିଣୀରେ ସ୍ନାନ କଲେ ସାତଜନ୍ମର ପାପକ୍ଷୟ ହୁଏ ବୋଲି ଶ୍ରଦ୍ଧାଳୁମାନଙ୍କର ଦୃଢ଼ବିଶ୍ୱାସ ରହିଛି । ସାପ କାମୁଡ଼ା ରୋଗୀ ପ୍ରଭୁଙ୍କ ନିକଟରେ ଅଧିଆ ପଡିବା ସହିତ ଚନ୍ଦନ ପୁଷ୍କରିଣୀର ପାଣି ଢାଳି ହୋଇ ତୁଳସୀ ପାଇଲେ ଭଲ ହୋଇଯାଏ ବୋଲି କିମ୍ବଦ'ୀ ରହିଛି । ଲୋକକଥା ଅନୁଯାୟୀ, ପ୍ରାୟ ୮ଶହ ବର୍ଷ ପୂର୍ବେ ଶ୍ୟାମ ବାବା ନାମକ ଜଣେ ପଶ୍ଚିମା ବାବାଜି ଅରଙ୍ଗାବାଦ ଗ୍ରାମରେ ଏକ ଝୁମୁଡି ଘରେ ବସବାସ କରୁଥିଲେ । ସେ ଜଗନ୍ନାଥଙ୍କୁ ପାଖରେ ରଖି ପୂଜାର୍ଚ୍ଚନା କରୁଥିଲେ । ତାଙ୍କ ଦେହା' ପରେ ସ୍ଥାନୀୟ ପଟ୍ଟନାୟକ ବଂଶର ଜମିଦାର ଠାକୁରଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିଥିଲେ । ଶ୍ୟାମ ବାବାଙ୍କ ନାମ ଓ ଜଗନ୍ନାଥଙ୍କ ନାକ ଗଢଣ ସୁନ୍ଦର ହୋଇଥିବାରୁ ମନ୍ଦିରର ନାମକରଣ ଶ୍ୟାମସୁନ୍ଦର କରାଯାଇଛି । ପ୍ରଭୁଙ୍କ ସେବା ନିମ' ଅନ୍ୟ ଅଞ୍ଚଳରୁ ବ୍ରାହ୍ମଣ ଓ ମାଳି ଜାତିର ଲୋକମାନଙ୍କୁ ଏଠାକୁ ଅଣାଯାଇ ଥଇଥାନ କରାଯାଇଥିଲା । ପର୍ବପର୍ବାଣି ଦିନମାନଙ୍କରେ ଏଠାରେ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥାଏ । ପ୍ରଶାସନ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ପ୍ରାଚୀନ ମନ୍ଦିର ଆଜି ଅବହେଳିତ ଓ ଅଲୋଡା ହୋଇ ରହିଯାଇଛି । ମନ୍ଦିର ଟ୍ରଷ୍ଟ୍ ଦ୍ୱାରା ଏହାର ଦେଖାଶୁଣା ଓ ରକ୍ଷଣାବେକ୍ଷଣ କରାଯାଉଛି । ଏଠାରେ ଥିବା ଚନ୍ଦନ ପୁଷ୍କରିଣୀ ଦଳ ଓ ପଙ୍କରେ ଭର୍ତ୍ତି । ଶ୍ରଦ୍ଧାଳୁମାନେ ସ୍ନାନ କରିବା ପରିବର୍ତ୍ତେ ବିଧିରକ୍ଷା ପାଇଁ କେବଳ ଦେହରେ ପାଣି ଟିକେ ଛିଞ୍ଚି ହୋଇ ପଡୁଛନ୍ତି । ଟ୍ରଷ୍ଟର ସ୍ୱଳ୍ପ ଆୟରେ ମନ୍ଦିରର ବିକାଶ ସମ୍ଭବ ହୋଇ ପାରୁନାହିଁ । ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ରାତ୍ରୀଯାପନ ପାଇଁ ଏଠାରେ ଯାତ୍ରୀନିବାସ କିମ୍ବା ଶୌଚାଳୟଟିଏ ନାହିଁ । ମନ୍ଦିର ଚତୁଃପାର୍ଶ୍ୱରେ ଫୁଲବଗିଚା ହେଲେ ଏହା ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ଅଧିକ ଆକୃଷ୍ଟ କରିପାରନ୍ତା । ପୁରାତନ ମଠମନ୍ଦିରର ସୌନ୍ଦର୍ଯ୍ୟକରଣ କରୁଥିବା ରାଜ୍ୟ ସରକାର ଶ୍ୟାମସୁନ୍ଦର ମନ୍ଦିରର ବିକାଶ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।




## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## କେଡିଏମ କ୍ରିକେଟ୍ ଟୁର୍ଣ୍ଣାମେଂଟ, ଗଙ୍ଗାଧରପୁର ଓ ହରିଦାସପୁର ବିଜୟୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କଂଟାମାଳିଆ ଖେଳ ପଡିଆରେ ଚାଲିଥିବା କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟର ଦ୍ୱିତୀୟ ଦିବସରେ ୨ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ମ୍ୟାଚରେ ପାଖର ଟିମକୁ ୧୫୨ ରନରେ ଗଙ୍ଗାଧରପୁର ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ କ୍ଷେତ୍ରପାଳ ଟିମକୁ ୧୭ ରନରେ ପରାସ୍ତ କରି ହରିଦାସପୁର ଟିମ ବିଜୟୀ ହୋଇଛି । ପ୍ରଥମ ମ୍ୟାଚରେ ଗଙ୍ଗାଧରପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ହରାଇ ୨୩୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରଂଜନ କୁମାର ବିଶ୍ୱାଳ ୧୦୧ ରନ ଓ ସତ୍ୟପ୍ରକାଶ ଜେନା ୬୫ ରନ କରିଥିଲେ । ବିପକ୍ଷ ପାଖର ଟିମର ବିପ୍ଳବ ନାୟକ ୩ଟି ଓ ବାଦଲ ନାୟକ ଗୋଟିଏ ଉଇକେଟ ନେଇଥିଲେ । ଜବାବରେ ପାଖର ଟିମ ବ୍ୟାଟିଂ କରି ୧୨.୪ ଓଭରରେ ସମସ୍ତ ଉଇକେଟ ହରାଇ ୮୩ରନ କରି ପରାସ୍ତ ହୋଇଛି । ଦଳପକ୍ଷରୁ ନିଶିକାନ୍ତ ଖିଲାର ୩୦ରନ ଓ ବାଦଲ ମଲିକ ୧୯ ରନ କରିଥିଲେ । ବିପକ୍ଷ ଗଙ୍ଗାଧରପୁର ଟିମର ଦେବାଶିଷ ମହାରଣା ୩ଟି ଓ ଅରୁଣ ଜେନା ୨ଟି ଉଇକେଟ ନେଇଥିଲେ । ଦିତୀୟ ମ୍ୟାଚରେ ହରିଦାସପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୫୪ ରନ କରିଥିଲା । ଦଳପକ୍ଷରୁ ଅଙ୍କିତ ସାମଲ ୪୪ ରନ ଓ ସୁଧାଂଶୁଶେଖର ବରାଳ ୪୦ ରନ କରିଥିଲେ । ବିପକ୍ଷ କ୍ଷେତ୍ରପାଳ ଟିମର ରକି ଦାସ ୫ଟି ଓ ରଂଜିତ ଦାଶ ୨ଟି ଉଇକେଟ ନେଇଥିଲେ । ଜବାବରେ କ୍ଷେତ୍ରପାଳ ଟିମ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ହରାଇ ୧୩୭ ରନ କରି ପରସ୍ତ ହୋଇଥିଲେ । ଦଳ ପକ୍ଷରୁ ବିନାୟକ ପଣ୍ଡା ୪୯ରନ ଓ ରଂଜିତ ଦାଶ ୩୪ ରନ କରିଥିଲେ । ବିପକ୍ଷ ଦଳର ବିକ୍ରମ ସହୁ ଓ ସ୍ମୃତିରଂଜନ ସାହୁ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ଉଭୟ ମ୍ୟାଚକୁ ସିଦ୍ଧାର୍ଥ ମହାନ୍ତି, ପ୍ରମୋଦ ନାୟକ ଓ ନିକୁଂଜ ବେହେରା ପରିଚାଳନା କରିଥିଲେ । ପ୍ରଥମ ମ୍ୟାଚ ଆରୁହା ସହିତ ରାଇଛନ୍ଦା ଓ ଦ୍ୱିତୀୟ ମ୍ୟାଚ କୁମାରୀ ଓ କଂଟିଗଡିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରଂଜନ ରାୟ ସୂଚନା ଦେଇଛନ୍ତି ।

## ହକି ବିଶ୍ୱକପ୍ ଟ୍ରଫିକୁ ଧର୍ମଶାଳାରେ ଭବ୍ୟ ସ୍ୱାଗତ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଗତକାଲି ଅପରାହ୍ଣରେ ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ କରାଯାଇଛି । ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ସାଂସଦ ରୀତା ତରାଇ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବ'ରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବ'ରାୟ, ଧାବିକା ଦୂତୀ ଚାନ୍ଦ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ସ୍ୱାଗତ ଦାସ, ଆଇଆଇସି ରାକେଶ ତ୍ରିପାଠୀ, ଜାରକା ସରପଞ୍ଚ ସୁଦାମ ଚରଣ ବେହେରା, ପ୍ରତାପ ପ୍ରଧାନଙ୍କ ସମେତ ବହୁ ସରକାରୀ କର୍ମଚାରୀ, ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ କ୍ରୀଡ଼ା ସଂଗଠନ ପକ୍ଷରୁ ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ ଜଣାଇଥିଲେ । ଟ୍ରଫି ଜାରକା ବଜାରରେ ପହଞ୍ଚିବା ପରେ ଧର୍ମଶାଳା ଅଞ୍ଚଳର ସ୍କୁଲ ଓ କଲେଜ୍ ଛାତ୍ରଛାତ୍ରୀମାନେ ଏକ ବିରାଟ ଶୋଭାଯାତ୍ରାରେ ଟ୍ରଫିକୁ ଧର୍ମଶାଳା ମହୋତ୍ସବ ପଡ଼ିଆ ପର୍ଯ୍ୟ' ପାଛୋଟି ଆଣିଥିଲେ । ଏହି ଅବସରରେ ଧାବିକା ଦୂତୀ ଚାନ୍ଦ, ସଂଘମିତ୍ରା ଦଳେଇ ଓ ଶିବସୁନ୍ଦର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସ୍ୱାଗତ ଉତ୍ସବ ପରେ ଟ୍ରଫିକୁ ଚଣ୍ଡିଖୋଲ ଅଭିମୁଖେ ନିଆଯାଇଥିଲା ।

## ସୁନ୍ଦୁରିଆ ପ୍ରିମିୟର ଲିଗ୍, ସୁଙ୍ଗୁଡା ବିଜୟୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ସୁନ୍ଦୁରିଆ ପଞ୍ଚାୟତ ଖେଳ ପଡ଼ିଆରେ ଚାଲିଥିବା ୨୮ତମ ସୁନ୍ଦୁରିଆ ପ୍ରିମିୟର ଲିଗ୍ ମ୍ୟାଚ୍‌ରେ ଜାରକା କ୍ରିକେଟ୍ କ୍ଲବ୍‌କୁ ଗୋଟିଏ ଉଇକେଟ୍‌ରେ ପରାସ୍ତ କରି ସୁଙ୍ଗୁଡା ଦଳ ବିଜୟୀ ହୋଇଛି । ପ୍ରଥମେ ଜାରକା ଦଳ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୦ରନ୍ ସଂଗ୍ରହ କରିଥିଲା । ଜବାବ୍‌ରେ ସୁଙ୍ଗୁଡା ଦଳ ବ୍ୟାଟିଂ କରି ୧୯.୧ ଓଭରରେ ୯ଉଇକେଟ୍ ହରାଇ ୧୨୧ରନ କରି ବିଜୟୀ ହୋଇଥିଲା । ସର୍ବାଧିକ ୭ଟି ଉଇକେଟ୍ ଅକ୍ତିଆର କରିଥିବା ବିଜୟୀ ସୁଙ୍ଗୁଡା ଦଳର ଆଲୋକ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ଖେଳକୁ ସୁନିଲ୍ କୁମାର ନାୟକ ଓ ଆଶିଷ ବିଶ୍ୱାଳ ପରିଚାଳନା କରିଥିଲେ । ପରଦିନ କଟକର ସୋନୁ ଇଲେଭେନ୍ ଓ ବରୀର ଏମ୍‌କେସିସି ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ ନିଉଲାଇଫ୍ ୟୁଥ୍ କ୍ଲବ୍ ସଭାପତି ସପ୍ତସାଗର ଦାସ ସୂଚନା ଦେଇଛନ୍ତି ।




# ଯୋଡ଼ା ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ, ଯୁବକ ଗୁରୁତର

ଯୋଡ଼ା, (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡ଼ା ପୋଲିସ ବିରୋଧରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ କରିବାର ଅଭିଯୋଗ ହୋଇଛି । ଯୋଡ଼ା ପୋଲିସ ଯୁବକଙ୍କୁ ନିସ୍ତୁକ ମାଡ଼ ମାରି ଗୁରୁତର କରିଦେଇଥିବା ଅଭିଯୋଗ ହୋଇଛି । ସୂଚନାନୁସାରେ, କେନ୍ଦୁଝର ଜିଲ୍ଲା, ବିରିକଳା ପଂଚାୟତ, ମୋଟୁଦା ଗାଁର ଅମିତ୍ କୁମାର ସେଠୀ ନାମକ ଜଣେ ଯୁବକକୁ ଯୋଡ଼ା ଥାନା ଅଧୀନ ବିଲେଇପଦା ପୋଲିସ୍ ବିଟ୍ ହାଉସରେ ନିସ୍ତୁକ ମାଡ଼ ମରାଯାଇଥିବା ନେଇ ଅଭିଯୋଗ ହୋଇଛି । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଯୋଡ଼ା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି । ଅମିତଙ୍କ ଶରୀରର ବିଭିନ୍ନ ସ୍ଥାନରେ ଥିବା ମାଡ଼ ଚିହ୍ନ ପୋଲିସର ନିର୍ଯ୍ୟାତନା କଥା ବୟାନ କରୁଛି ।

ସୂଚନା ଅନୁଯାୟୀ, କୌଣସି କାରଣକୁ ନେଇ ଅମିତଙ୍କ ସହ ତାଙ୍କ ସ୍ତ୍ରୀ ସୁପ୍ରୀୟାଙ୍କ ଝଗଡା ହୋଇଥଲା ଏବଂ ଅମିତ୍ ସ୍ତ୍ରୀଙ୍କୁ ମାଡ଼ପିଟ ମଧ କରିଥିଲେ । ଏହାକୁ ନେଇ ସ୍ତ୍ରୀ ସୁପ୍ରିୟା ଆଜି ବିଲେଇପଦା ପୋଲିସ୍ ବିଟ୍ ହାଉସର ଦ୍ୱାରସ୍ଥ ହୋଇଥିଲେ । ସେ ଭାବିଥିଲେ ଯେ ଘଟଣା ସମାଧାନ ହୋଇଯିବ । ପୋଲିସ୍ ବୁଝାସୁଝା କରି ତାଙ୍କ ସ୍ୱାମୀଙ୍କୁ ଛାଡ଼ିଦେବ । ତେବେ ସେଠାରେ ନିୟୋଜିତ ଥିବା ଜଣେ ପୋଲିସ କର୍ମଚାରୀ ଅମିତଙ୍କୁ ଡକାଇ ପ୍ରଥମେ ବୁଝାସୁଝା କରିବା ପରେ ଭିତରକୁ ଡ଼ାକିନେଇ ନିସ୍ତୁକ ପିଟିଥିଲେ ବୋଲି ଉଭୟ ଅମିତ୍ ଏବଂ ତାଙ୍କ ପତ୍ନୀ ସୁପ୍ରିୟା ଅଭିଯୋଗ କରିଛନ୍ତି । ଏବେ ଅମିତଙ୍କ ଅବସ୍ଥା ଗୁରୁତର ରହିଛି । ତାଙ୍କର ହାତ, ଗୋଡ଼ ଓ ଶରୀର ଅନ୍ୟ ସ୍ଥାନରେ ଗଭୀର ଆଘାତ ଲାଗିଥିବା କୁହାଯାଉଛି । ତେବେ ମାଡ଼ ମାରିଥିବା ପୋଲିସ୍ କର୍ମଚାରୀ, ଜଣେ କନେଷ୍ଟବଳ ବୋଲି ସୂଚନା ରହିଛି । ଏନେଇ ସଂପୃକ୍ତ ପୋଲିସ କର୍ମଚାରୀ କିମ୍ବା ଯୋଡ଼ା ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ରାଜ୍ୟ ଖାଦ୍ୟ ଆୟୋଗଙ୍କ ପୁରୀ ଗସ୍ତ

ପୁରୀ, (ପିଏନ)- ଓଡିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ପ୍ରମୋଦ କୁମାର ମେର୍କାପ ଆଜି ପୁରୀ ଜିଲ୍ଲା ଗସ୍ତ କରିବା ସହ ଖାଦ୍ୟ ସୁରକ୍ଷା ସମ୍ପର୍କରେ ସମୀକ୍ଷା କରିଥିଲେ । ଅଧ୍ୟକ୍ଷ ଶ୍ରୀ ମେର୍କାପ ସର୍କିଟ ହାଉସ ଠାରେ ପହଂଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ସମୀକ୍ଷା ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା ଖାଦ୍ୟ ସୁରକ୍ଷା ସମ୍ପର୍କରେ ଜିଲ୍ଲାର ପଦକ୍ଷେପ ଓ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ । ଅଧ୍ୟକ୍ଷ ଶ୍ରୀ ମେର୍କାପ ଏଥିରେ ଅଧ୍ୟକ୍ଷତା କରିବା ସହ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ପ୍ରକୃତ ହିତାଧିକାରୀ ଯେପରି ସୁବିଧା ପାଆନ୍ତି ଓ କୌଣସି ଯୋଗ୍ୟ ହିତାଧିକାରୀ ବଂଚିତ ନ ହୁଅନ୍ତି ସେଥିପ୍ରତି ଜିଲ୍ଲା ପ୍ରଶାସନ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ଯଦି ଏ ସମ୍ପର୍କରେ କୌଣସି ଅଭିଯୋଗ ଆସୁଛି ତେବେ ତ୍ୱରାନ୍ୱିତ ପ୍ରକ୍ରିୟାରେ ତାହାର ସମାଧାନ କରିବାକୁ ସେ କହିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖାଦ୍ୟ ସୁରକ୍ଷାର ଜିଲ୍ଲା ଅଭିଯୋଗ ସମାଧାନ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଖାଦ୍ୟ ସୁରକ୍ଷା ଆୟୋଗର ସଦସ୍ୟା ସଚିବ ଶିବାନୀ ମହାନ୍ତି, ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତା ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଆଇସିଏମଆର-ଆରଏମଆରସିର ଆନେକ୍ସ ବିଲଡିଂର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

## ଶିଶୁଙ୍କ କୁପୋଷଣ ଓ ମହିଳାଙ୍କ ରକ୍ତହୀନତା ସମସ୍ୟା ସମାଧାନର ରାସ୍ତା ବାହାର କରିବାକୁ ଆହ୍ୱାନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, (ପିଏନ)- ଓଡ଼ିଶାର ଶିଶୁଙ୍କର ଥିବା କୁପୋଷଣ, ଗର୍ଭବତୀ ମହିଳାଙ୍କ ରକ୍ତହୀନତା ଓ ଅନ୍ୟାନ୍ୟ ସମସ୍ୟା ସମାଧାନର ରାସ୍ତା ବାହାର କରିବା ପାଇଁ ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମଆର) ଓ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆରଏମ୍ଆରସି), ଭୁବନେଶ୍ୱରକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ସହ ଶ୍ରୀ ପ୍ରଧାନ ଶନିବାର ଆଇସିଏମଆର-ଆରଏମଆରସିର ଆନେକ୍ସ ବିଲଡିଂର ଲୋକାର୍ପଣ ଓ ଆଇସିଏମଆର ସ୍କୁଲ ଅଫ୍ ପବ୍ଲିକ ହେଲଥ୍ ଓ ବିଏସଏଲ -୩ ଲ୍ୟାବର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜି ଓଡ଼ିଶାରେ ଶିଶୁ ମୃତ୍ୟୁ, କୁପୋଷଣ, ଓଜନ ଅନୁସାରେ ଉଚ୍ଚତା କମ୍ ଏବଂ ଉଚ୍ଚତା ଅନୁସାରେ ଓଜନ କମ ଭଳି




ଅନେକ ଗଭୀର ସମସ୍ୟା ରହିଛି । ମହିଳା ବିଶେଷଭାବେ ଗର୍ଭବତୀ ମହିଳାମାନେ ରକ୍ତହୀନତା କାରଣରୁ ମୃତ୍ୟୁମୁଖରେ ପଡୁଛନ୍ତି, ଯାହା ଚିନ୍ତା ଜନକ । ତେଣୁ ଏ ଦିଗରେ ରାସ୍ତା ବାହାର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ମେଡ଼ିକାଲ କଲେଜ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରାଧାନ୍ୟ ଦିଆଯାଉଛି । ମୋଦି ସରକାର ପୂର୍ବରୁ ଓଡ଼ିଶାରେ ୩ଟି ମେଡିକାଲ ଥିବା ବେଳେ ଏବେ ତାହା ବଢି ୧୦ରେ ପହଞ୍ଚିଛି । ମୋଦି ସରକାରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଢାଞ୍ଚାଗତ ପରିବର୍ତ୍ତନ ହୋଇଛି । ଲାଇଫଷ୍ଟାଇଲ ମ୍ୟାନେଜମେଣ୍ଟ, ଫିଟନେସ ଓ୍ୱେଲ ସେଣ୍ଟରକୁ ଗୁରୁତ୍ୱ ଦିଆଯାଉଛି । ପୂର୍ବରୁ ଲୋକମାନେ କୌଣସି ରୋଗରେ ପଡିବା ପରେ ଡାକ୍ତରଙ୍କ ପରାମର୍ଶ ନେଉଥିଲେ ମାତ୍ର ଏବେ ରୋଗରୁ ମୁକ୍ତ ହେବା ପାଇଁ ଶରୀର ପ୍ରତି ଧ୍ୟାନ ରଖାଯାଉଛି । ସମଗ୍ର ଭାରତବର୍ଷର ନାଗରିକ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ । ପ୍ରଧାନମନ୍ତ୍ରୀ ମୋଦିଙ୍କ ସୁସ୍ଥ ଭାରତର କଳ୍ପନାକୁ ସାକାର କରିବାରେ ଆଇସିଏମଆର-ଆରଏମଆରସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବିଶେଷ ଭାବରେ କୋଭିଡ୍ ସମୟରେ ପୂର୍ବ ଭାରତର ଲୋକଙ୍କ ଜୀବନକୁ ସୁରକ୍ଷିତ ଓ ସଚେତନ କରିବାରେ ଏହି ଅନୁଷ୍ଠାନର ଅବଦାନ ଅତୁଳନୀୟ ।ଏହାବ୍ୟତିତ ଆଇସିଏମଆର-ଆରଏମ୍ ?ଆରସି ଦ୍ୱାରା ପ୍ରକାଶିତ ଓଡ଼ିଶାର ମହିଳା ବୈଜ୍ଞାନିକଙ୍କ ସମ୍ପର୍କୀତ ଇଂରାଜୀରେ ଲିଖିତ ସ୍ମରଣିକାକୁ ପ୍ରଶଂସା କରିଥିଲେ କେନ୍ଦ୍ରମନ୍ତ୍ରୀ । ଏହାସହ ସେହି ସ୍ମରଣିକାକୁ ଓଡ଼ିଆ ଓ ହିନ୍ଦି ଭାଷାରେ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଯେଉଁ ମାଆ ପିଠା ତିଆରି କରେ, ସେହି ମାଆ ବିଶ୍ୱ ସମସ୍ୟାର ସମାଧାନ ବି ବାହାର କରିପାରେ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ ।

# ବଡ଼ଚଣା ଥାନାର ହାଜତ ମୃତ୍ୟୁ ମାମଲା, ନୂଆ ଏସପିଙ୍କୁ ନୂଆ ଚାଲେଂଜ

## କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ ଚେତାବନୀ ଦେଲା ମିଳିତ ଦଳିତ ସଂଘ

କୋରାଇ, (ପିଏନ)- ଯାଜପୁର ଜିଲ୍ଲା ବଡଚଣା ଥାନାରେ କଟକ ଜିଲ୍ଲା ମାହାଙ୍ଗା ଥାନା ସିଦ୍ଧପୁର ଗ୍ରାମର ତଫସିଲଭୁକ୍ତ ଜାତିର ଗରିବ ଯୁବକ ଈଶ୍ୱର ସେଠୀଙ୍କ ହାଜତ ମୃତ୍ୟୁ ନେଇ ପୁଲିସ ଅଧିକାରୀ ଙ୍କ ସମେତ ୧୨ ଜଣ ପୁଲିସ୍ ସଂପୃକ୍ତ ଥାଇ ହତ୍ୟା କରାଯାଇଥିବାର ମାମଲା ରୁଜୁ ହୋଇଛି । କିନ୍ତୁ କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ଦଳିତ ସଂଘ ତରଫରୁ ଯାଜପୁରର ନୂତନ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କୁ ପାଣିକୋଇଲିସ୍ଥ ଜିଲ୍ଲା ମୁଖ୍ୟାଳୟରେ ସାକ୍ଷାତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନନେଲେ ଆନ୍ଦୋଳନକୁ ସଂଘ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଅଲ ଓଡ଼ିଶା ଏସ୍ସି,ଏସଟି.ଓବିସି ମାଇନିୟରିଟି ଇୟୁନାଇଟେଡ ଫୋରମ୍ ତରଫରୁ ରାଜ୍ୟ କାର୍ଯ୍ୟାକାରୀ ସଭାପତି ତଥା ଆମ୍ବେଦକର ଲୋହିଆ ବିଚାର ମଂଚର ରାଜ୍ୟ ନେତା ମନୋରଂଜନ ଜେନାଙ୍କ ନେତୃତ୍ୱରେ ବହୁ ଦଳିତ ନେତା ସାକ୍ଷାତ କରିଥିଲେ । ଜିଲ୍ଲାରେ ଦଳିତ ଆଦିବାସୀଙ୍କ ନିର୍ଯ୍ୟାତନା ଉପରେ ପୋଲିସ୍ ପକ୍ଷ ପାତିତା, ଜାତିଗତ ନିର୍ଯ୍ୟାତନାରେ ବେଆଇନ୍ ଭାବେ ବ୍ୟକ୍ତିଗତ ମୁଚାଲିକା ଓ ଜେଇଆର ରିପୋର୍ଟରେ ଜାତିଗତ ତାରତମ୍ୟ ରଖି ଦଳିତମାନଙ୍କୁ କରାଯାଉଥିବା ଅବହେଳା ଉପରେ ଦୃଷ୍ଟିପାତ କରି ଆଇନଗତ ପଦକ୍ଷେପ ନେବାକୁ ଜଣାଇଥିଲେ । ମାନବିକ ଅଧିକାର କର୍ମୀ ବିଶ୍ୱନାଥ ପାତ୍ର, କାରାଇ ନେତା ବସନ୍ତ କୁମାର ଜେନା, ସଭାପତି ସହଦେବ ଜେନା, ପିନାକୀ ମଲିକ, ବୈରାଗୀ ମଲ୍ଲିକ, ଅକ୍ଷୟ ଜେନା, ଶ୍ରୀଧର ଜେନା, ପ୍ରଫୁଲ ଜେନା ପ୍ରମୁଖ ନୂତନ ଏସ୍ପିଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ମୌଳିକ ଅଧିକାର ସମସ୍ୟା ସର୍ମ୍ପକରେ ଅବଗତ କରିଥିଲେ ।ଗତ ୩ ତାରିଖରେ ଈଶ୍ୱରକୁ ତାର ବାସ ଭବନରୁ ତାର ବାପା ଓ ପରିବାରକୁ ମାଡ଼ମାରି ଉଠାଇଥିବା ଯୁବକକୁ ପୋଲିସ୍ କୋର୍ଟରେ ହାଜର କରାଇବାର ସାମ୍ବିଧାନିକ ଆଇନ୍ ଥିଲେ ମଧ ଏଥିରେ ବଡ଼ଚଣାର ଥାନା ଅଧିକାରୀ ଶୁଶିଲ କୁମାର ନାୟକ ତାକୁ ଅମାନ୍ୟ କରିଛନ୍ତି । ତାପର ଦିନ ସଂପୃକ୍ତ ଯୁବକକୁ ଥାନା ଅଧିକାରୀ ଅଶୀଳ ଗାଳୀ ଗୁଲଜ ଓ ତଦନ୍ତ ଏସ୍ଆଇ ଅଧିକାରୀ ସୁବାସ ମୁଦୁଲି ଏସ୍ଆଇ ନନ୍ଦ କିଶୋର ଦାସ ମିଳିତ ଜାତିଗତ ଆକ୍ଷେପ କରି ତାର ମୁଣ୍ଡ ଓ ଆପତି ଜନକ ସ୍ଥାନକୁ ମାଡ଼ ମାରିଥିଲେ । ମାଡ଼ ମାରୀ ବେହୋସ ହେଲାପରେ ଓ ବାନ୍ତି ହୋଇଥିବାରୁ ତାକୁ ମେଡ଼ିକାଲକୁ ନ ନେଇ ବାନ୍ତି ବଟିକା ଦୋକାନରୁ କିଣି ଦେଇ ଭୋଜିକୁ ଯାଇଥିଲେ । ଦିବା ପ୍ରାୟ ୨ ଘଟିକା ସମୟରେ ଈଶ୍ୱରର ଭିଣୋଇ ଯାଇଥିବା ବେଳେ ସେ ତାର ଆଗରେ ପୋଲିସ ନିର୍ଯ୍ୟାତନାର ସବୁ କଥା କହିଥିଲା । ତାପରେ ଏହା ପରେ ସଂପୃକ୍ତ ଯୁବକକୁ ଧାନମଣ୍ଡଳଳ ଫାଣ୍ଡିକୁ ସ୍ଥାନାନ୍ତର କରାଯାଇଥିଲା ।ଏହାର କୌଣସି ଦାୟୀତ୍ୱ ଯଥା ଚିକିସ୍ତା ଓ ଖାଦ୍ୟ ସହ ତଦାରଖ କରି ନଥିଲେ । ବଡ଼ଚଣା ନିକଟ ଏକ ଫାର୍ମ ହାଉସ୍ ଓ ପାହାଡ଼ ନିକଟରେ ପୋଲିସ୍ ମାନେ କରିଥିବା ଭୋଜିକୁ ଚାଲି ଯାଇଥିଲେ । ପୁଣି ଆସି ତାର ମୁଣ୍ଡ କାନମୁଳିକୁ ମାଡ଼ ହୋଇଥିବାରୁ ରକ୍ତ ବୋହିଥିଲା । ଏଥିରେ ମଧ୍ୟ ଦେବେନ୍ଦ୍ର ସାହୁ କନେଷ୍ଟବଳ ସଂପୃକ୍ତ ରହିଥିଲେ । ପୋଲିସ ମାଡ଼ରେ ରାତିପ୍ରାୟ ୬ ଘଟିକାରେ ତାର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପରେ ପୋଲିସ ବଡ଼ଚଣାର ଡ଼ାକ୍ତରଖାନାକୁ ନେଇ ଶବକୁ ନେଇ ରେଫର କରିବାକୁ ବିଭିନ୍ନ ପ୍ରଲୋଭନ ଓ ପ୍ରଭାବରେ ପ୍ରଭାବିତ କର ତରବରିଆ ଭାବେ ପରିବାରକୁ ନ ଜଣାଇ ଶବକୁ ରେଫର କରି ଅସଦ ଉପାୟରେ ସତ୍ୟକୁ ଲୁଚାଇବା ପାଇଁ ହୋଇଥିବା ଷଡ଼ଯନ୍ତ୍ରରେ ସମସ୍ତେ ସାମିଲ ହୋଇ ରେଫର କରାଇଲେ । ଏହାପରେ ନାଟକ କରି ଶବକୁ କଟକ ବଡ଼ ମେଡ଼ିକାଲକୁ ନେବା ବାଟରେ ମରିଥିବାର କହିବାକୁ ମଧ୍ୟ ପଛାଇଲେ ନାହିଁ । ଏ ସବୁ ଘଟଣା ପରିବାର ଲୋକଙ୍କୁ କିଛି ଜଣାଇଲେ ନାହିଁ । ଈଶ୍ୱରଙ୍କ ହାଜତ ମୃତ୍ୟୁରେ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବତରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ବଦଳି ବଦଳରେ ପୁଲିସକୁ ଗିରଫ ଓ କ୍ଷତି ପୂରଣ ଦାବି କରାଯାଇଛଇ । ନଚେତ ଏହାକୁ ନେଇ ଅନ୍ଦୋଳନ ତୀବ୍ର କରାଯିବାକୁ ଚେତାବନୀ ଦିଆଯାଇଛି ।

# କୃଷି ବିଭାଗ ପ୍ରମୁଖ ଶାସନସଚିବଙ୍କୁ ଭେଟିଲା ବିଜେପି କୃଷକମୋର୍ଚ୍ଚା

## ଓଡିଶାରେ “ପିଏମ କିଶାନ ଯୋଜନା”କୁ ଅଚଳ କରିବା ପାଇଁ ଚାଲିଛି ଚକ୍ରାନ୍ତ

ଭୁବନେଶ୍ୱର, (ପିଏନ)-ମୋଦୀ ସରକାର ପିଏମ କିଷାନ ଯୋଜନାରେ ଓଡ଼ିଶାର ୪୫ ଲକ୍ଷ ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ବ୍ୟବସ୍ଥା କରିଥିଲେ ବି ରାଜ୍ୟ ସରକାର କେନ୍ଦ୍ରକୁ ସଠିକ ତାଲିକା ଦେଉନାହାନ୍ତି । ଫଳରେ ଓଡିଶାର ଚାଷୀକୂଳ କେନ୍ଦ୍ରର ଯୋଜନାରୁ ବଂଚିତ ହେଉଛନ୍ତି । ଏବେ ସୁଦ୍ଧା ରାଜ୍ୟ ସରକାର କେନ୍ଦ୍ରକୁ ମାତ୍ର ୨୫ ଲକ୍ଷ ଚାଷୀଙ୍କର ଭୂଲେଖ ରେକର୍ଡ ଦେଇଥିବା ମୁଖ୍ୟ ଶାସନ ସଚିବ କହୁଛନ୍ତି । ସେହିପରି କାଳିଆ ଯୋଜନାରେ ରାଜ୍ୟ ସରକାର ୫୯ ଲକ୍ଷ ଚାଷୀଙ୍କୁ ଅର୍ଥ ପ୍ରଦାନ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ତଥ୍ୟ ଦେଉ ନାହାନ୍ତି । ଏନେଇ ଆଜି ବିଜେପି କୃଷକ ମୋର୍ଚ୍ଚାର ଏକ ପ୍ରତିନିଧି ମଣ୍ଡଳୀ କୃଷି ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପିଏମ କିଷାନ ଯୋଜନାରେ ପ୍ରଥମ କିସ୍ତିରେ ୪୦ ଲକ୍ଷ ଚାଷୀଙ୍କୁ ବର୍ଷକୁ ୬ ହଜାର ଟଙ୍କା ମିଳିଥିଲା । ହେଲେ ବର୍ଷକୁ ବର୍ଷ ଚାଷୀମାନଙ୍କର ତଥ୍ୟକୁ ଅପଡେଟ ନକରିବା କାରଣରୁ ଏହି ଯୋଜନାରେ ଏବେ ୨୧ ଲକ୍ଷ ଚାଷୀ ସେମାନଙ୍କର ଆର୍ଥୀକ ସହାୟତା ପାଇଛନ୍ତି । କାହିଁକି ରାଜ୍ୟ ସରକାର ଚାଷୀମାନଙ୍କର ତଥ୍ୟକୁ ଅପଡେଟ କରି କେନ୍ଦ୍ର ସରକାରକୁ ଦେଉନାହାନ୍ତି ତାହା ଏକ ବଡ ପ୍ରଶ୍ନ । ରାଜ୍ୟ ସରକାର ଏବେ ସୁଦ୍ଧା ୫୯ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ଟଙ୍କା ପଠାଇଛନ୍ତି ବୋଲି ଦାବି କରିଛନ୍ତି । ଯଦି ୫୯ଲକ୍ଷ ଚାଷୀଙ୍କର ବ୍ୟାଙ୍କ ଆକାଉଂଟ ସହ ସମସ୍ତ ତଥ୍ୟ ଅଛି ତାହାଲେ ତାକୁ କେନ୍ଦ୍ର ପଠାଇବାରେ ଅସୁବିଧା କେଉଁଠି ବୋଲି ବିଜେପି ପ୍ରଶ୍ନ କରିଛି । କାଳିଆ ଯୋଜନାରେ ରାଜ୍ୟ ସରକାର ବର୍ଷକୁ ୧୦ ହଜାର ଟଙ୍କା ଦେବେ ବୋଲି କହି ଏବେ ମାତ୍ର ୪ ହଜାର ଟଙ୍କା କାହିଁକି ଦେଉଛନ୍ତି । ୨୦୧୯ରେ ମୁଖ୍ୟମନ୍ତ୍ରୀ ନିଜେ ନିର୍ବାଚନବେଳେ ୭୫ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ, କିନ୍ତୁ ଏବେ ସୁଦ୍ଧା ୫୯ ଲକ୍ଷ ଚାଷୀଙ୍କୁ ସେହି ଯୋଜନାରେ ଅର୍ଥ ଦିଆଯାଉଛି ବୋଲି ସରକାର କହୁଛନ୍ତି । ତାହେଲେ ବଳକା ୧୬ ଲକ୍ଷ ଚାଷୀଙ୍କୁ କାହିଁକି ବଂଚିତ ରଖାଗଲା ବୋଲି ବିଜେପି ପ୍ରଶ୍ନ କରିଛି ।

ରାଜ୍ୟ ସରକାରଙ୍କ ଅଧିକାରୀମାନେ ବିଜୁ ଜନତା ଦଳର ମୁଖପାତ୍ର ଭଳି କେନ୍ଦ୍ରକୁ ଦୋଷ ଦେଉଛନ୍ତି । ସରକାରୀ ଅଧିକାରୀଙ୍କର କାମ ହେଉଛି ଲୋକମାନଙ୍କର ସେବା କରିବା । କିନ୍ତୁ ଅଧିକାରୀମାନେ ନିଜ ଦାୟୀତ୍ୱ ନବୁଝି କେନ୍ଦ୍ର ସରକାରଙ୍କୁ ଦୋଷ ଦେଇ ଚାଷୀମାନଙ୍କୁ ସେମାନଙ୍କର ହକରୁ ବଂଚିତ କରିବେ ଏହା ଠାରୁ ବଳି ନିନ୍ଦନୀୟ କଥା କିଛି ନାହିଁ । ରାଜ୍ୟ ସରକାର ପିଏମ କିସାନ ଯୋଜନାରେ ୪୫ ଲକ୍ଷ ଚାଷୀଙ୍କର ସବିଶେଷ ଓ ସମ୍ପୂର୍ଣ୍ଣ ତାଲିକା କେନ୍ଦ୍ର ସରକାର ମାଗିଥିବା ଫର୍ମାଟରେ ଦେଲେ ଓଡିଶାର ଚାଷୀମାନେ ଉପକୃତ ହେବେ । ଏଥିସହ ଉପଯୁକ୍ତ ଚାଷୀ ତାଲିକା କେନ୍ଦ୍ର ସରକାରଙ୍କୁ ତୁରନ୍ତ ରାଜ୍ୟ ସରକାର ପ୍ରଦାନ କରନ୍ତୁ ବୋଲି ବିଜେପି ଦାବି କରିଛି । ଏହି ପ୍ରତିନିଧି ମଣ୍ଡଳୀରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷିକେଶ ଜେନା, ଶ୍ରୀରଞ୍ଜନ ମଙ୍ଗରାଜ, ରାଧାକାନ୍ତ ମହାନ୍ତ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ କୁମାର ସ୍ୱାଇଁ, ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ ଓ କୃଷକ ମୋର୍ଚ୍ଚା ମିଡିଆ ସଂଯାଜକ ହୀତେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ଧମାଳ ମହାସିଙ୍ଗି ଓ ବଇଡାରେ କିଟ୍ ପକ୍ଷରୁ ୨ଶହ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲ୍ ଓ ଦିବାଧାୟୀ ବିଦ୍ୟାଳୟର ଭୂମିପୂଜନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ମହାସିଙ୍ଗି ଓ ବଇଡାଠାରେ କିଟ୍ ପକ୍ଷରୁ ୨ଶହ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲ୍ ଓ ଦିବାଧାୟୀ (ଡେ ବୋର୍ଡିଂ) ବିଦ୍ୟାଳୟର ଭୂମିପୂଜନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ସମେତ ସ୍ଥାନୀୟ ବିଧାୟକ ଚକ୍ରମଣି କହଁର ଓ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ଅଚ୍ୟୁତ ସାମନ୍ତ ସୂଚନା ଦେଇ କହିଥିଲେ ଯେ, ଗତ ୩୦ ବର୍ଷ ଧରି କିଟ୍ ଓ କିସ୍ ନିରନ୍ତର ସମାଜସେବା କାର୍ଯ୍ୟ ଜାରି ରଖିଛି । ସାଂସଦ ଭାବରେ ମୁଁ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ସେବା କାର୍ଯ୍ୟ ଜାରି ରଖିଛି । ବିଭିନ୍ନ ଅଂଚଳର ବିକାଶ ନିମନ୍ତେ ଗତ ୪ ବର୍ଷ ଧରି ବିଭିନ୍ନ ପ୍ରକାର ଉନ୍ନୟନ ପ୍ରକଳ୍ପ ନିରବଚ୍ଛିନ୍ନ ଭାବେ ପ୍ରୟାସ ଜାରି ରଖିଛି । ସାଂସଦ ଭାବେ ନିର୍ବାଚିତ ହୋଇ ଆସିବା ପରେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ପର୍ଯ୍ୟଟନ ଉପରେ ଗୁଣାତ୍ମକ ପରିବର୍ତନ ଆଣିବା ପାଇଁ ଚେଷ୍ଟିତ ବୋଲି ସେ କହିଥିଲେ । ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ କିଟ୍ ପକ୍ଷରୁ କନ୍ଧମାଳ ଜିଲ୍ଲାର ମହାସିଙ୍ଗି ଓ ବଇଡାଠାରେ ଦୁଇଟି ୨ଶହ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲ୍ ଓ ଦିବାଧାୟୀ (ଡେ ବୋର୍ଡିଂ) ବିଦ୍ୟାଳୟ କରିବା ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି ବୋଲି ଅଚ୍ୟୁତ ସାମନ୍ତ କହିବା ସହ ଏଥିପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ।

ବଇଡାଠାରେ ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ବସନ୍ତ କୁମାର ସାହୁ, ଏସପି ଶୁଭେନ୍ଦୁ ପାତ୍ର, ଡିଏଫଓ ପ୍ରଶାନ୍ତ ପଟେଲ, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ବିଜୟ ନାୟକ, ରାଜ୍ୟ ଗୃହ ନିର୍ମାଣ ନିଗମ ପୂର୍ବତନ ସରୋଜ କର୍ଣ୍ଣ, ଫୁଲବାଣୀ ବ୍ଲକ ଅଧ୍ୟକ୍ଷା ସସ୍ମିତା କହଁର, ଗଞ୍ଜୁଗୁଡା ସରପଂଚ ଆଲୋକ କହଁର, ସ୍ୱେଚ୍ଛାସେବୀ ପୁନମ କହଁର ଓ ବିଡ଼ିଓ ପ୍ରବୀଣ କୁମାର ବାଣୁଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ମହାସିଙ୍ଗିଠାରେ ବାଲିଗୁଡା ବିଧାୟକ ଚନ୍ଦ୍ରମଣି କହଁର, ଜିଲ୍ଲା ପରିଷଦ ସଭାପତି ନନ୍ଦିନୀ ମଲ୍ଲିକ, ଉପଜିଲ୍ଲାପାଳ ସୁଶ୍ରୀ ମଧୁସ୍ମିତା ପ୍ରମୁଖ ଉପସ୍ଥିତ ଥିଲେ ।












ବଲିଉଡ ମ୍ୟୁଜିକ କମ୍ପୋଜର ପ୍ରୀତମ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ।

# ସଚ୍ଚିନଙ୍କ ରେକର୍ଡ ଭାଙ୍ଗିଲେ ବିରାଟ

**ଗୌହାଟୀ:** ବର୍ଷ ୨୦୨୩ର ପ୍ରଥମ ଦିନିକିଆରେ ବିରାଟ କୋହଲି ନିଜର ଦମ ଦେଖାଇଛନ୍ତି । ସେ ଆଜି ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଦିନିକିଆରେ ୧୧୩ ରନର ଇନିଂସ ଖେଳିଛନ୍ତି। ଏହା ବିରାଟଙ୍କ ଦିନିକିଆ କ୍ୟାରିୟରର ୪୫ତମ ଶତକ। ସେହିପରି ବିରାଟଙ୍କ ଅନ୍ତର୍ଜାତୀୟ ଶତକ ସଂଖ୍ୟା ୭୩ରେ ପହଞ୍ଚିଛି।

ଆଜିର ଇନିଂସ ପରେ ବିରାଟ କିମ୍ବଦନ୍ତୀ କ୍ରିକେଟର ସଚ୍ଚିନ ତେନ୍ଦୁଲକରଙ୍କ ଗୋଟିଏ ରେକର୍ଡ ଭାଙ୍ଗିଛନ୍ତି । ସେହିପରି ଆଉ ଗୋଟିଏ ରେକର୍ଡର ସମକକ୍ଷ ହୋଇଛନ୍ତି। ଉଭୟ ସଚ୍ଚିନ ଓ ବିରାଟ ଘରୋଇ ମାଟିରେ ସର୍ବାଧିକ ୨୦ଟି ଲେଖାଏ ଶତକ ହାସଲ କରିଛନ୍ତି।

ବିରାଟ ଆଜିର ମ୍ୟାଚ୍‌ରେ ସଚ୍ଚିନଙ୍କ ସମକକ୍ଷ ହୋଇଥିବା ବେଳେ ତାଙ୍କ ରେକର୍ଡ ଭାଙ୍ଗିବାକୁ ଆଗାମୀ ମ୍ୟାଚ୍‌ରେ ସୁଯୋଗ ପାଇବେ। ଏମାନଙ୍କ ପଛକୁ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ୧୩ ଶତକ ସହ ରହିଛନ୍ତି। ସେ ୧୫୩ଟି ମ୍ୟାଚ୍ ଘରୋଇ ମାଟିରେ ଖେଳି ୧୩ ଶତକ ହାସଲ କରିଥିଲେ। ସଚ୍ଚିନ ୧୬୪ ମ୍ୟାଚ୍ ଖେଳି ଘରୋଇ ମାଟିରେ ୨୦ତମ ଶତକ ହାସଲ କରିଥିଲେ। କିନ୍ତୁ ବିରାଟ ୧୦୧ ମ୍ୟାଚ୍ ଖେଳି ତାଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି।




ଅନ୍ୟପକ୍ଷରେ ଶ୍ରୀଲଙ୍କା ବିପକ୍ଷରେ ସର୍ବାଧିକ ଶତକ ହାସଲ କରିବା ମାମଲାରେ ବିରାଟ କୋହଲି ଆଜି ସଚ୍ଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି। ସଚ୍ଚିନ ଶ୍ରୀଲଙ୍କା ବିପକ୍ଷରେ ୮ଟି ଶତକ ହାସଲ କରିଥିବା ବେଳେ ବିରାଟଙ୍କ ଶତକ ସଂଖ୍ୟା ଆଜି ୯ରେ ପହଞ୍ଚିଛି। ୨୦୦୮ରେ ବିରାଟ ଶ୍ରୀଲଙ୍କା ବିପକ୍ଷରେ ହିଁ ଡେବ୍ୟୁ କରିଥିଲେ। ଏବେ ଶ୍ରୀଲଙ୍କା ବିପକ୍ଷରେ ସେ କମାଲ କରୁଛନ୍ତି।

କୋହଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ମଧ୍ୟ ସମାନ ୯ଟି ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ବିରୋଧରେ ତାଙ୍କ ଶତକ ସଂଖ୍ୟା ୮ ରହିଛି। ଅଷ୍ଟ୍ରେଲିଆ ବିପକ୍ଷରେ ସଚ୍ଚିନ ତେନ୍ଦୁଲକର ସର୍ବାଧିକ ୯ଟି ଶତକ ମାରିଥିବା ବେଳେ ରୋହିତ ଶର୍ମା ମଧ୍ୟ ୮ଟି ଶତକ ହାସଲ କରିଛନ୍ତି।

ବିରାଟ ୨୦୧୯ ମାର୍ଚ୍ଚ ପରେ ଭାରତରେ ଶତକ ହାସଲ କରିଛନ୍ତି। ଶେଷଥର ପାଇଁ ୨୦୧୯ ମାର୍ଚ୍ଚ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ବିରାଟଙ୍କ ବ୍ୟାଟରୁ ଶତକ ଦେଖିବାକୁ ମିଳିଥିଲା। ସେହିପରି ବିରାଟ ଦିନିକିଆରେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଡିସେମ୍ବର ୧୦ ତାରିଖ ବାଂଲାଦେଶ ବିପକ୍ଷ ଦିନିକିଆରେ ମଧ୍ୟ ସେ ଶତକ ହାସଲ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବାଂଲାଦେଶ ବିପକ୍ଷରେ ବିରାଟ ସମାନ ୧୧୩ ରନ କରିଥିଲେ। ଆଜି ବି ସେ ୧୨ଟି ଚୌକା ଓ ଗୋଟିଏ ଛକା ବଳରେ ୧୧୩ ରନ କରି ଆଉଟ ହୋଇଛନ୍ତି।

# ବିଦେଶୀ ଖେଳାଳିଙ୍କ ଖାଦ୍ୟ ମେନ୍ୟୁରେ ଦେଶୀ ଖାଦ୍ୟ

**ଭୁବନେଶ୍ୱର, (ପିଏନ):** ୱାର୍ଲଡ କପ୍ ହକି ପାଇଁ ରାଜଧାନୀ ଭୁବନେଶ୍ୱର ଏବେ ଉତ୍ସବମୁଖର । ମେ ଫେୟାର, ସ୍ୱସ୍ତି ପ୍ରିମିୟମ, ସ୍ୱସ୍ତି ଗ୍ରାଣ୍ଡ, ହୋଟେଲ ଆଇଟିସି ୱେଲକମ୍, ତାଜ ବିଭାନ୍ତା ଏବଂ ସ୍ୟାଣ୍ଡିସ ଟାୱାର ଭଳି ସହରର ୯ ପ୍ରମୁଖ ହୋଟେଲରେ ବିଭିନ୍ନ ଦେଶର ଖେଳାଳିଙ୍କ ରହିବାର ବ୍ୟବସ୍ଥା କରାଯାଇଛି । ଖେଳାଳିଙ୍କ ସୁରକ୍ଷା, ସହ ଡାଏଟ ଓ ଖାଦ୍ୟ ପାନୀୟକୁ ନେଇ ହୋଟେଲଗୁଡିକର କର୍ତ୍ତୃପକ୍ଷ ବେଶ ଯତ୍ନବାନ ରହିଛନ୍ତି ।ସରକାରଙ୍କ ପକ୍ଷରୁ ଏ ନେଇ ନିର୍ଦ୍ଦିଷ୍ଟ ଗାଇଡଲାଇନ ମଧ୍ୟ ରହିଛି । ଏହା ବାଦ ଟିମ୍ ଗୁଡିକର ନିଜସ୍ୱ ଡାଏଟ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଖାଦ୍ୟ ପ୍ରସ୍ତୁତ କରାଯାଇ ଖେଳାଳିଙ୍କୁ ପରଶା ଯାଉଛି । ହୋଟେଲ ସ୍ୱସ୍ତି ଗ୍ରାଣ୍ଡରେ ଦକ୍ଷିଣ ଆଫ୍ରିକା ହକି ଦଳ ରହିବାର ବ୍ୟବସ୍ଥା କରାଯାଇଛି । ଏଠାରେ ସକାଳ ଜଳଖିଆରେ ଖେଳାଳି ଟୋଷ୍ଟ ଏବଂ ବ୍ରାଉନି ସହ କେନ୍ ଜୁସ୍‌କୁ ପସନ୍ଦ କରୁଛନ୍ତି । ସେହିଭଳି ମେନ୍ୟୁରେ ରହିଛି କ୍ଷୀର ସହ ଅଣ୍ଡାର ଏକ ଡିସ୍ । ଓଡିଆ ଖାଦ୍ୟ ସଂସ୍କୃତିକୁ ମଧ୍ୟ ଖେଳାଳିଙ୍କ ମଧ୍ୟରେ ପ୍ରମୋଟ କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ଡାଲମା, ଭାତ ସହ ପୁରୀର ସ୍ୱାଦ ନେଇଛନ୍ତି ଖେଳାଳି ।ଗେମ୍ ଯିବାର ୨ ଘଣ୍ଟା ପୂର୍ବରୁ ଛେନା ପୋଡ, ରସଗୋଲା ଖାଇବାକୁ ଖେଳାଳି ପସନ୍ଦ କରୁଛନ୍ତି । ଅଧିକାଂଶ କ୍ରୀଡାବିତ ଖାଦ୍ୟରେ ପ୍ରାୟ ୬୦୦ ଗ୍ରାମ ଚିକେନ ସାମିଲ କରୁଛନ୍ତି। ମାଛ ଖେଳାଳିଙ୍କ ଏତେଟା ପସନ୍ଦ ଆସୁନାହିଁ । ସର୍ଟେଡ, ଚିଲି ଗାର୍ଲିକ ଏବଂ ଗ୍ରିଲଡ୍ ଚିକେନ ଖାଇବାକୁ ବେଶି ପସନ୍ଦ କରୁଛନ୍ତି ଖେଳାଳି ।ସେହିଭଳି ଗାର୍ଲିକ ନାନ୍, ପାସ୍ତା, ନୁଡଲ୍ସ, ଖେଳ ପାଇଁ ବାହାରିବାର ପ୍ରାୟ ୨ ଘଣ୍ଟା ଆଗରୁ ଖେଳାଳି ଟପ୍ ଅପ୍ ମିଲ୍ ନେଉଛନ୍ତି । ଏହାବାଦ ଏନର୍ଜି ବାର, ହ୍ୱାଇଟ ଏବଂ ବ୍ରାଉନ ବ୍ରେଡ୍‌ରେ ନିଜେ ଟୋଷ୍ଟ ପ୍ରସ୍ତୁତ କରି ଖାଇବାକୁ କିଛି କିଛି ଖେଳାଳି ପସନ୍ଦ କରୁଛନ୍ତି । ମେନ୍ୟୁରେ ପିନଟ୍ ବଟର ଏବଂ ହନି ମଧ୍ୟ ରଖାଯାଇଛି ।ଖେଳାଳି ସାଲାଡ ପରିବର୍ତ୍ତେ ଫଳ ନିଜେ ଛଡାଇ ଖାଇବାକୁ ପସନ୍ଦ କରୁଛନ୍ତି । ଆଗକୁ ପଖାଳ, ଭଜା, ବଡିଚୁରା, ଦହି ବାଇଗଣ ଭଳି ଖାଦ୍ୟ ଖେଳାଳିଙ୍କୁ ଚାଖାଇବାର ଯୋଜନା ରହିଥିବା ହୋଟେଲର ଜେନେରାଲ ମ୍ୟାନେଜର କୌଶିକ ଚକ୍ରବର୍ତ୍ତୀ କହିଛନ୍ତି ।ସ୍ୱସ୍ତି ପ୍ରିମିୟମ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ହୋଟେଲରେ ମାଲେସିଆ ଏବଂ କୋରିଆ କ୍ରୀଡାବିତଙ୍କ ରହିବା ଲାଗି ବ୍ୟବସ୍ଥା କରାଯାଇଛି । ଏବେ କୋରିଆ ଖେଳାଳି ରହୁଥିବା ବେଳେ ୧୭ରୁ ମାଲେସିଆ ଖେଳାଳି ଆସିବେ । ଏଠାରେ ମେନ୍ୟୁରେ କୋରିଆ ଖାଦ୍ୟ ସହ ନୁଡୁଲ୍ସ ମଧ୍ୟ ସାମିଲ କରାଯାଇଛି । ପ୍ରୋଟିନ ଏବଂ ସାଲାଡ ସହ ଷ୍ଟିମ, ଗାର୍ଲିକ, ସର୍ଟେଡ ଚିକେନକୁ ଖେଳାଳି ବେଶି ପସନ୍ଦ କରୁଛନ୍ତି । ହୋଟେଲର ଏକଜିକ୍ୟୁଟିଭ ସେଫ୍ ପ୍ରଶାନ୍ତ ସି କହିଛନ୍ତି, ଭାରତୀୟ ଖାଦ୍ୟ ସହ ଭାତକୁ କିଛି କିଛି ଖେଳାଳି ମଧ୍ୟ ପସନ୍ଦ କରୁଛନ୍ତି । ଖେଳାଳି ଯେଭଳି ଫୁଡ ପଏଜନିଂ ସମସ୍ୟା ସାମ୍ନା ନ କରନ୍ତି ତାକୁ ବିଶେଷ ଭାବେ ଧ୍ୟାନରେ ରଖାଯାଇଛି ।




# ଦିନିକିଆରେ ବିଶ୍ୱ ରେକର୍ଡ କଲା ଭାରତ

**ନୂଆଦିଲ୍ଲୀ:** ଭାରତୀୟ କ୍ରିକେଟ୍ ଦଳ ଦିନିକିଆ କ୍ରିକେଟ୍‌ରେ ଏକ ନୂତନ ରେକର୍ଡ ନିଜ ନାମରେ କରିଛନ୍ତି। ଭାରତ ଶ୍ରୀଲଙ୍କା ବିପକ୍ଷରେ ଏହି ଉପଲବ୍ଧି ହାସଲ କରିଛି। ଭାରତ ରେକର୍ଡ ୯ମ ଥର ଶ୍ରୀଲଙ୍କା ବିପକ୍ଷରେ ଦିନିକିଆରେ ୩୫୦ରୁ ଅଧିକ ସ୍କୋର କରିଛି। ଭାରତ ଏହି ମାମଲାରେ ଅଷ୍ଟ୍ରେଲିଆକୁ ପଛରେ ପକାଇ ଦେଇଛି। ଅଷ୍ଟ୍ରେଲିଆ ଭାରତ ବିପକ୍ଷରେ ୮ଥର ୩୫୦ରୁ ଉର୍ଦ୍ଧ୍ୱ ସ୍କୋର କରିଛି।

ପ୍ରଥମ ଦିନିକିଆରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୭ ୱିକେଟ୍ ହରାଇ ୩୭୩ ରନର ବିଶାଳ ସ୍କୋର କରିଛି। ଭାରତ ପକ୍ଷରୁ ବିରାଟ କୋହଲି ୧୧୩ ରନର ଶତକୀୟ ଇନିଂସ ଖେଳିଥିବା ବେଳେ ଅଧିନାୟକ ରୋହିତ ଶର୍ମା ୮୩ ରନ ଏବଂ ଶୁବମାନ ଗିଲ୍ ୭୦ ରନର ଉପଯୋଗୀ ଇନିଂସ ଖେଳିଛନ୍ତି। ଦିନିକିଆ କ୍ରିକେଟ୍‌ରେ ଭାରତ ୯ମ ଥର ୩୫୦ରୁ ଅଧିକ ସ୍କୋର କରିଛନ୍ତି। ଏଥିସହ ଭାରତ ନୂତନ ବିଶ୍ୱ ରେକର୍ଡ ନିଜ ନାମରେ କରିଛି ।ଏହା ପୂର୍ବରୁ ଅଷ୍ଟ୍ରେଲିଆ ଭାରତ ବିପକ୍ଷରେ ଦିନିକିଆରେ ୮ଥର ୩୫୦ରୁ ଉର୍ଦ୍ଧ୍ୱ ସ୍କୋର କରିଥିଲା।




# ଚୈତି କ୍ରୀଡା ମହୋତ୍ସବର ଦ୍ୱିତୀୟ ଦିନରେ ବ୍ୟାଡମିଂଟନ ଓ ସ୍ଲୋ ସାଇକେଲ ପ୍ରତିଯୋଗିତା

**ରାୟଗଡା,(ହୀ.ପ୍ର) :** ଆସନ୍ତା ଜାନୁଆରୀ ୧୮ତାରିଖ ଠାରୁ ୨୨ତାରିଖ ପର୍ଯ୍ୟନ୍ତ ରାୟଗଡା ଜିଲ୍ଲାର ଲୋକ କଳା ଓ ସଂସ୍କୃତିର ସମ୍ଭାର 'ଚୈତି ଓ ପଲ୍ଲିଶ୍ରୀ ମେଳା-୨୦୨୨'ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଚୈତି କ୍ରୀଡା ମହୋତ୍ସବ ଗତକାଲି ଜାନୁଆରୀ ୮ତାରିଖ ଠାରୁ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଚାଲିବ । ଆଜି ଚୈତି କ୍ରୀଡା ମହୋତ୍ସବର ଦ୍ୱିତୀୟ ଦିନରେ ରାୟଗଡା ସହରର ଇଣ୍ଡୋର ଷ୍ଟାଡିୟମ ପରିସରରେ ସକାଳ ୯ରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବାଳକ ଓ ବାଳିକା ବର୍ଗ ଏବଂ ଅପରାହ୍ନ ୩ଟା ସମୟରୁ ରାତ୍ର ୯ଟା ପର୍ଯ୍ୟନ୍ତ ମହିଳା ଓ ପୁରୁଷ ବର୍ଗଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବ୍ୟାଡମିଂଟନ ପ୍ରତିଯୋଗିତାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଚୈତି ଉତ୍ସବ କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ସ୍ୱାଧୀନ ସିଂଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ,ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା,ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା,ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲିନୁର, ଡିଏସପି ସୁଶାନ୍ତ ତାଡଡିଆଙ୍କ ସମେତ ଚୈତି ସ୍ପର୍ଟସ୍ କମିଟି ସଦସ୍ୟସଦସ୍ୟାମାନେ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ବ୍ୟାଡମିଂଟନ ପ୍ରତିଯୋଗିତା ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡିଛି । ସେହିପରି ଅପରାହ୍ନରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ବାଳିକା ବର୍ଗରେ ସ୍ଲୋ ସାଇକେଲ ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ରାୟଗଡା ନଗର ଉପାଧ୍ୟକ୍ଷା ଶ୍ରୀମତି ଶୁଭ୍ରା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାର ଶୁଭାରମ୍ଭ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ପୋଲିସ ପ୍ରଶାସନ ଏବଂ କମିଟି ସଦସ୍ୟସଦସ୍ୟା ଏବଂ କ୍ରୀଡା ଶିକ୍ଷକମାନଙ୍କ ଉପସ୍ଥିତିରେ ଚୈତି କ୍ରୀଡା ମହୋତ୍ସବ ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ରାୟଗଡାରେ ଏକ କ୍ରୀଡା ପରିବେଶ ସୃଷ୍ଟି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।




ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray